# ଜଳ ପ୍ରଦୂଷଣ : ଭିସା ଷ୍ଟିଲ୍‌କୁ କାରଣଦର୍ଶାଅ ନୋଟିସ

- ୫ ବର୍ଷ ହେଲା ବିନା ଏସ୍‌ଆର୍‌ଟିଏସ୍‌ରେ ଚାଲିଛି କାରଖାନା
- ୯ ସମସ୍ୟା, ଅବ୍ୟବସ୍ଥା ସମାଧାନ କରିବାକୁ ନିର୍ଦ୍ଦେଶ
- କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣ ଉତ୍କଟ



ଏସ୍‌ପିସିବି ସ୍ୱତନ୍ତ୍ର ଟିମ୍ ଭିସା କାରଖାନା ପରିସରରେ ନିରୀକ୍ଷଣ କରୁଛନ୍ତି ।

ଯାଜପୁର,୨୦।୮(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାରଖାନାଗୁଡ଼ିକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ବାରମ୍ବାର କାରଣଦର୍ଶାଅ ନୋଟିସ ଜାରି ହେଉଛି । ହେଲେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ହେଉ ନ ଥିବାରୁ ସେହି ଅଞ୍ଚଳରେ ପରିବେଶ ପ୍ରଦୂଷଣ ହେବା ସହିତ ଚାଷଜମି କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ଏସ୍‌ପିସିବିର ସଦସ୍ୟ ସଚିବ ୧୨ ଦିନ ମଧ୍ୟରେ ଭିସା ଷ୍ଟିଲ କାରଖାନାର ନିର୍ଦ୍ଦେଶକଙ୍କୁ ୨ ଥର କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ପୂର୍ବରୁ ବାୟୁ ପ୍ରଦୂଷଣକୁ ନେଇ ୮।୮।୨୦୨୪ରେ ଏବଂ ମଙ୍ଗଳବାର ଜଳ ପ୍ରଦୂଷଣ ଅଭିଯୋଗ ଉପରେ ଏସ୍‌ପିସିବି କାରଣ ଦର୍ଶାଅ ନୋଟିସ ଜାରି କରିଛି। ଏହି କାରଣଦର୍ଶାଅ ନୋଟିସରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିଛି। ଭିସା ଷ୍ଟିଲ କାରଖାନା ନୂତନ ସର୍ଫେସ ରନ୍ ଅଫ୍ ଟ୍ରିଟ୍‌ମେଣ୍ଟ ସିଷ୍ଟମ(ଏସ୍‌ଆର୍‌ଟିଏସ୍) ସ୍ଥାପନ ନ କରି କଳିଙ୍ଗନଗର ଭିସା ଷ୍ଟିଲ ଲିଃ, ଭିସା ସ୍ପେଶିଆଲ ଷ୍ଟିଲ୍ ଲିଃ, ଭିସା କୋକ୍ ଲିଃ ଆଦି ଚାଲିଥିବା ଉକ୍ତ କାରଣଦର୍ଶାଅ ନୋଟିସରେ ସୂଚନା ମିଳିଛି। ଫଳରେ ଏହି କାରଖାନାର ବିଷାକ୍ତ ପାଣି ପ୍ରତିବର୍ଷ ଚାଷ ଜମିରେ ମାଡୁଛି। ସେହି ପାଣି ପୁଣି ଗଣ୍ଡନାଳା ଦେଇ ପ୍ରବାହିତ ହୋଇ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଜଳକୁ ଜହର କରୁଛି । ଅଞ୍ଚଳବାସୀ ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ଓ ଏସ୍‌ପିସିବିର ଦୃଷ୍ଟି ଆକର୍ଷଣ କରୁଥିଲେ ବି କୌଣସି ସୁଫଳ ମିଳୁନାହିଁ । ଏହି କ୍ରମରେ ଭିସା ଷ୍ଟିଲକୁ ଏସ୍‌ପିସିବିର ପତ୍ରସଂଖ୍ୟା ୧୩୧୭୦/୨୦।୮।୨୦୨୪ରେ ୧୫ ଦିନ ମଧ୍ୟରେ ୯ଟି ନିର୍ଦ୍ଦିଷ୍ଟ ସମସ୍ୟା ଓ ଅବ୍ୟବସ୍ଥାର ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି । ନଚେତ୍ କାରଖାନାକୁ କୌଣସି ସୁଯୋଗ ପ୍ରଦାନ ନ କରି ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜୁଲାଇ ଶେଷ ସପ୍ତାହରେ ଭିସା ଷ୍ଟିଲ କାରଖାନାର ବାୟୁ ଓ ଜଳ ପ୍ରଦୂଷଣ ସଂକ୍ରାନ୍ତରେ ଏସ୍‌ପିସିବି ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ୬।୮।୨୦୨୪ରେ ସେଣ୍ଟ୍ରାଲ ଲାବରେଟୋରୀ, ଏସ୍‌ପିସିବିର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଏବଂ କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀମାନେ ଭିସା ଷ୍ଟିଲ୍ କାରଖାନା ପରିସରରେ ନିରୀକ୍ଷଣ କରିଥିଲେ। ଏଥିରେ ୦.୪ କି.ମି. ମାଟି ଡ୍ରେନ ସମ୍ପୂର୍ଣ୍ଣ ନ ହେବା, କଞ୍ଚାମାଲ ଫାଟକ ନିକଟସ୍ଥ ରାସ୍ତା କଂକ୍ରିଟୀକରଣ ନ ହେବା, ନୂତନ ଟ୍ରକ ପାର୍କିଂ ଅଞ୍ଚଳରେ ଡ୍ରାଇଭରମାନେ ଗାଧୁଆ ଓ କପଡ଼ା ସଫା କରୁଥିବା ପାଣି ବାହାରକୁ ଛାଡିବା ଫଳରେ ସେଥିରେ ବାୟୋ ମେଡିକାଲ ଅକ୍ସିଜେନ ଡିମାଣ୍ଡ(ବିଓଡି) ନିର୍ଦ୍ଧାରିତଠାରୁ ଲିଟର ପିଛା ୩୦ ମିଲିଗ୍ରାମ ଅଧିକ ରହିଥିବା ଜଣାପଡିଛି। ଏହାବାଦ୍ ୨୩।୯।୨୦୧୯ରେ କାରଖାନା ପରିସରରେ ନୂତନ ଏସ୍‌ଆରଟିଏସ୍ ପ୍ରତିଷ୍ଠା କରିବାକୁ ଭିସା ଷ୍ଟିଲ କର୍ତ୍ତୃପକ୍ଷଙ୍କୁ ଏସ୍‌ପିସିବି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଆଜକୁ ପ୍ରାୟ ୫ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ତାହା ଏଯାଏ ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ କାରଖାନା ପରିସର ବର୍ଷାପାଣି ବିନା ଉପଚାରରେ ବାହାରକୁ ଛଡାଯାଇ ତାହା ବିଭିନ୍ନ ଅଞ୍ଚଳକୁ ବିଷାକ୍ତ କରୁଥିବା ଅଭିଯୋଗ ହେଉଛି। କାରଖାନା ପ୍ରତିଷ୍ଠାର ଚୁକ୍ତି ଅନୁସାରେ ଏଭଳି ଅନେକ ସମସ୍ୟା ଅଞ୍ଚଳବାସୀ ଭୋଗୁଥିବା ମତପ୍ରକାଶ ପାଇଛି। ତେଣୁ ତୁରନ୍ତ ଅନ୍ୟାନ୍ୟ ସମସ୍ୟାଗୁଡିକର ସମାଧାନ କରିବା ସହ ଦୈନିକ ୨ ହଜାର ଘନମିଟର କ୍ଷମତା ବିଶିଷ୍ଟ ଏସ୍‌ଆରଟିଏସ୍ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଦୂଷଣ ନିୟନ୍ତ୍ରଣ ଅଭାବରୁ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ସୁକିନ୍ଦା ଖଣି ଅଞ୍ଚଳରେ ପ୍ରାୟ ୧ ଲକ୍ଷ ଲୋକ ବାୟୁ, ଜଳ ଓ ଧୂଳି ଧୂଆଁଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏଥିରେ ଶିଳ୍ପ ଓ ଖଣି ସଂସ୍ଥାମାନେ ମାଲାମାଲ ହେଉଥିବାବେଳେ ଫଳ ଭୋଗୁଛନ୍ତି କଳିଙ୍ଗନଗରବାସୀ । ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆଧାରରେ ବିଭିନ୍ନ ସମୟରେ ସଦସ୍ୟ ସଚିବ କାରଣଦର୍ଶାଅ ନୋଟିସ ଜାରି କରୁଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କେଉଁ ଉଦ୍ଦେଶ୍ୟ ରଖି କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏ ସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କାରଣଦର୍ଶାଅ ନୋଟିସ ଅନୁଯାୟୀ ଭିସା ଷ୍ଟିଲ ଉପଯୁକ୍ତ ଭାବେ ପ୍ରତିକାର ବ୍ୟବସ୍ଥା ନ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



ଯାଜପୁରରୋଡ୍,୨୦।୮
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରର ରାଧାନାଥ ମାର୍ଗର ଏକ ସରକାରୀ ଜମିରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ରାଧାନାଥ ମାର୍ଗରେ ଥିବା ପଦ୍ମପୁର ମୌଜାର ଖାତା ନଂ.୩୩୮, ପ୍ଲଟ୍ ନଂ. ୫୩୮/୮୭୩ରେ ଜଣେ ବ୍ୟକ୍ତି ବେଆଇନଭାବେ ହୋଟେଲ ଓ ଘର ନିର୍ମାଣ କରିଥିଲେ। ଏନେଇ ରାଧାନାଥ ମାର୍ଗ କାଳୀପୂଜା କମିଟି ପକ୍ଷରୁ ବ୍ୟାସନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତହସିଲଦାର ଦେବାଶିଷ ରାଉତ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିଥିଲେ। ପରେ ତହସିଲ ପକ୍ଷରୁ ମନୋରମା ଆଇଚ ଓ ସୁରତ କୁମାର ସାମଲଙ୍କୁ ଜବରଦଖଲ ନେଇ ନୋଟିସ ଜାରି କରାଯାଇଥିଲା। ନୋଟିସ ଅବଧିପରେ ତହସିଲ ପ୍ରଶାସନ ପକ୍ଷରୁ ଜେସିବି ମେଶିନ ସାହାଯ୍ୟରେ ଉକ୍ତ ହୋଟେଲ ଓ ଘରକୁ ଉଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ କୌଣସି ଜବରଦଖଲ ହୋଇ ନ ଥିବା ଓ ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଆମକୁ ସମୟ ନ ଦେଇ ୩ ଦିନ ପୂର୍ବରୁ ତହସିଲଦାର ନୋଟିସ କରି ତରବରିଆ ଭାବରେ ଘର ଭାଙ୍ଗିଛନ୍ତି ବୋଲି ସୁରତ କହିଛନ୍ତି। ଉଚ୍ଛେଦ କାର୍ଯ୍ୟରେ ରାଜସ୍ୱ ସୁପରଭାଇଜର ଧନେଶ୍ୱର ସାହୁ, କଣ୍ଟାଝରୀ ଆର୍‌ଆଇ ରଶ୍ମିତା ସେଠୀ ଓ କାଟେପୁର୍ଡ଼ି ଆରଆଇ ଚାନ୍ଦମା ଉପସ୍ଥିତ ଥିଲେ। କୌଣସି ଅପ୍ରୀତି କର ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସହ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ତେବେ ସହରର ବିଭିନ୍ନ ସ୍ଥାନରେ ବହୁ ସରକାରୀ ଜମି, ଡ୍ରେନ, ରାସ୍ତାକୁ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେମାନଙ୍କ ଉପରେ କେବେ କର୍ଯ୍ୟାନୁଷ୍ଠାନ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚୋରି ମାମଲାରେ ୩ ଗିରଫ

**ଚୋରି ସାମଗ୍ରୀ ଜବତ**

ଯାଜପୁର ଟାଉନ,୨୦।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

ଯାଜପୁର ଟାଉନ ଥାନା ଅନ୍ତର୍ଗତ ବୈଦ୍ୟନାଥନଗର ଅଞ୍ଚଳରୁ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ସାମଗ୍ରୀ ଜବତ କରିଛି। ସେମାନେ ହେଲେ ଯାଜପୁର ଟାଉନ ଥାନା ଅକରପଡ଼ା ଅଞ୍ଚଳର ଟୁନା ଦାସ ଓରଫ୍ କ୍ଷେତରା, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ମହିସିଆଣି ଗ୍ରାମର ସଜନ ଦାସ ଓରଫ୍ ବିକ୍ରମ ଓ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ମାଟିଆ ଗ୍ରାମର ରାହୁଲ ଦାସ। ସେମାନଙ୍କ ନିକଟରୁ ସୁନା ଶାଙ୍ଖି, କାନଫୁଲ, ମୁଦି, ସୁନା ଚେନ୍, ୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏଥିସହିତ ଚୋରିରେ ବ୍ୟବହୃତ ୨ ବାଇକ ଓ ସାବଳକୁ ତଦନ୍ତ ଅଧିକାରୀ ଜବତ କରିଥିବା ଟାଉନ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

ବୈଦ୍ୟନାଥନଗର ଅଞ୍ଚଳରୁ ଲଗାତାର ଭାବେ ଗୋଟିଏ ରାତିରେ ଶ୍ରଦ୍ଧାଞ୍ଜଳି ନାୟକ, ଅରୁଣ ଦାସ ଓ ଅକ୍ଷୟ ପାତ୍ରଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତ ଘରର ଗ୍ରୀଲ୍ ଭାଙ୍ଗି ସୁନା, ଗହଣା ଲୁଟି ନେଇଥିଲେ। ଏନେଇ ଯାଜପୁର ଟାଉନ ଥାନାରେ ଲୁଟ୍‌ର ଶିକାର ବ୍ୟକ୍ତି ଅଭିଯୋଗ କରିଥିଲେ। ଥାନାଧିକାରୀ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ୩ ମାମଲା ବିଭିନ୍ନ ଦଫାରେ ରୁଜୁ କରାଯାଇଥିଲା। ଯାଜପୁର ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନାଧିକାରୀ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ତଦନ୍ତ ଅଧିକାରୀ ଏସ୍‌ଆଇ ମହମ୍ମଦ ସୁରଜ, ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି, ଏସ୍‌ଆଇ ତୃପ୍ତିମୟୀ ରାଉତ ଦଳରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଉପରୋକ୍ତ ୩ ଆନ୍ତଃଜିଲା ଅଭିଯୁକ୍ତଙ୍କ ନାମରେ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରେ ଏକାଧିକ ମାମଲା ଥିବାବେଳେ ରାଜ୍ୟର ଅନ୍ୟ ଥାନାରେ ମାମଲା ଥିବା ଜଣାପଡ଼ିଛି। ଏମାନେ ଅତି ଚତୁରତାର ସହିତ ମହାବୀର ନଗରରେ ଗୋଟିଏ ରାତିରେ ୩ଟି ଘରୁ ଚୋରି କରିଥିଲେ। ଏପରିକି ଗତ ମେ' ୩ରେ ଉପରୋକ୍ତ ଅଞ୍ଚଳରେ ଘଟିଥିବା ଚୋରିରେ ଅଭିଯୁକ୍ତ ସଂପୃକ୍ତ ଥିଲେ ବୋଲି ତଦନ୍ତ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଥିବା ଥାନାଧିକାରୀ କହିଛନ୍ତି।

## ହାଟରୁ ମୋବାଇଲ ଚୋରି କରି ଯୁବକ ଗିରଫ

ଆଳି,୨୦।୮(ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ ନିଆଳ ହାଟରେ ଦୀର୍ଘଦିନ ହେବ ମୋବାଇଲ ଲୁଟେରାମାନେ ସକ୍ରିୟ ହୋଇ ପ୍ରତିହାଟ ପାଳିରେ କାହାର ନା କାହାର ମୋବାଇଲ ଲୁଟ କରି ଅନାୟସରେ ଖସି ପଳାଉଥିଲେ। ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ପକେଟରୁ ମୋବାଇଲ ଲୁଟ କରୁଥିବା ବେଳେ ଜଣେ ଯୁବକ ଧରା ପଡ଼ିଛନ୍ତି। ବାଲକାଟି ଗ୍ରାମର ବନମାଳୀ ସାହୁ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ବାପା ବଟକୃଷ୍ଣ ସକାଳେ ନିଆଳ ହାଟରେ ପରିବା କିଣିବା ସମୟରେ ଜଣେ ଯୁବକ ତାଙ୍କ ପକେଟରୁ ହାତ ପୁରାଇ ମୋବାଇଲ ଲୁଟି ନେଇଥିଲେ। ସେହି ସମୟରେ ସେ ପାଟି କରିବାରୁ ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ସେହି ଯୁବକଙ୍କୁ କାବୁ କରି ନେଇଥିଲେ। ଏହାପରେ ପୋଲିସକୁ ଖବର ଦିଆ ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣି ପଚରା ଉଚୁରା କରିଥିଲା। ମୋବାଇଲ ନେଇଥିବା ଯୁବକ ହେଲେ ଭଦ୍ରକ ଜଲା ଧାମନଗର ଅଞ୍ଚଳର ବିଷ୍ଣୁ ଦାସ ବୋଲି ଜଣାପଡିଛି। ସେ ଦଶରଥପୁର ଝୁମ୍ପୁରୀ ଅଞ୍ଚଳରେ ଥିବା ତାଙ୍କ ମାମୁ ଘରେ ରହୁଥିବା ଜଣାପଡିଛି। ଏନେଇ ପୋଲିସ ନଂ. ୫୪୭/୨୪ରେ ମାମଲା ରୁଜୁ କରି ଯୁବକଙ୍କୁ କୋର୍ଟ ଚାଲାଣ କରିଛି।

# ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ




ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଆଗରେ ମହିଳାମାନେ ବିକ୍ଷୋଭ କରୁଛନ୍ତି ।

ଧର୍ମଶାଳା,୨୦।୮(ବଟକୃଷ୍ଣ ପରିଡ଼ା):

ସର୍ବଭାରତୀୟ ମହିଳା ସାଂସ୍କୃତିକ ସଙ୍ଗଠନ ଧର୍ମଶାଳା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଧର୍ମଶାଳା ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୋଲକାତା ମେଡିକାଲ କଲେଜ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ନ୍ୟାୟ ଦେବା, ମାଦକ ଦ୍ରବ୍ୟକୁ ନିଷିଦ୍ଧ କରିବା, ଅଶ୍ଳୀଳତା, ଅପସଂସ୍କୃତି ଓ ନଗ୍ନତାର ପ୍ରଚାର ପ୍ରସାର ବନ୍ଦ କରିବା, କଟକ ଏସସିବି ମେଡିକାଲରେ ରୋଗୀଙ୍କୁ ବଳାତ୍କାର ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ଅଦି ଦାବି ନେଇ ଏହି ବିକ୍ଷୋଭ କରାଯାଇଛି। ମଧୁମିତ ସାହୁଙ୍କ ନେତୃତ୍ୱରେ ଝୁନା ସାହୁ, ସସ୍ମିତା ଭଞ୍ଜ, ସସ୍ମିତା ଦାସ, ପ୍ରତିମା ଭଞ୍ଜ, ରତ୍ନପ୍ରଭା ସାହୁ, ସବିତା ସାହୁ, ନୟନା ଭଞ୍ଜ ପ୍ରମୁଖ ଶତାଧିକ ମହିଳା ବିଭିନ୍ନ ସ୍ଲୋଗାନ ଦେଇ ଶାନ୍ତିବଜାରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପରେ ସେମାନେ ବିକ୍ଷୋଭ ପରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଓଚିନ୍ଦାରେ ଝୁଲଣ ଯାତ୍ରା ଉଦ୍‌ଯାପିତ

ପାଣିକୋଇଲି,୨୦।୮(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମରେ ଝୁଲଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଓଚିନ୍ଦା ରାସସ୍ଥଳୀସ୍ଥିତ ଗୋପୀନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ୫ ଦିନ ବ୍ୟାପି ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ ପରମାନନ୍ଦ ଶତପଥୀ, ରଘୁନାଥ ପାଢ଼ୀ, ମୋହନଚରଣ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଧାକୃଷ୍ଣ ମୂର୍ତ୍ତିକୁ ନେଇ ଝୁଲଣ କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ଗୌରଭକ୍ତ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତଙ୍କ ଭଉଣୀ

**ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ଚୁପ୍**



ପାଣିକୋଇଲି,୨୦।୮(ବିକାଶ ମଲ୍ଲିକ):

ଏକ ମରଣାନ୍ତକ ଆକ୍ରମଣ ମାମଲାରେ ମଙ୍ଗଳପୁର ଥାନା ପୋଲିସ ଚୁପ୍ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତଙ୍କ ଭଉଣୀ। ଅଭିଯୋଗ ମୁତାବକ, ଈଶ୍ୱରପୁର ଗ୍ରାମର ନାରାୟଣ ଚନ୍ଦ୍ର ଦାସଙ୍କ ଚାଷଜମିରେ ବାଡ଼ ବୁଜାଯାଇଥିଲା। ଗ୍ରାମର ପ୍ରଫୁଲ୍ଲ ବେହେରା ଓ ତାଙ୍କ ପୁଅମାନେ ମିଶି ଉକ୍ତ ବାଡକୁ ଓପାଡୁଥିଲେ। ଏହାକୁ ନାରାୟଣଙ୍କ ପୁଅ ସସ୍ମିତ ବିରୋଧ କରିବାରୁ ସଂଘବଦ୍ଧ ଭାବେ ପ୍ରଫୁଲ୍ଲ ଓ ତାଙ୍କ ପୁଅମାନେ ମିଶି ଆକ୍ରମଣ କରିଥିଲେ। ଫଳରେ ସସ୍ମିତ ଗୁରୁତର ହେବା ସହ କ୍ଷତାକ୍ତ ଅବସ୍ଥାରେ ମଙ୍ଗଳପୁର ଥାନାରେ ପହଞ୍ଚିବାପରେ ପୋଲିସ ତାଙ୍କୁ ମଙ୍ଗଳପୁର ଚିକିତ୍ସାଳୟ ପଠାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୨୮୧/୨୪ ରୁଜୁ କରି ପ୍ରଫୁଲ୍ଲଙ୍କ ପୁଅ ଶେତାମ୍ବରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମାତ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। କଟକରେ ସସ୍ମିତ ଚିକିତ୍ସିତ ହେଉଥିବା ବେଳେ ଗତ ୧୯ ତାରିଖରେ ପ୍ରଫୁଲ୍ଲଙ୍କ ଅନ୍ୟ ପୁଅ କୁନୁ ବେହେରା ସସ୍ମିତଙ୍କ ଭଉଣୀ ସରିତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ମଧ୍ୟ ଦେଇଛନ୍ତି। ଏନେଇ ସରିତା ମଙ୍ଗଳପୁର ଥାନାରେ ଜଣାଇଥିଲେ ମଧ କେହି ଶୁଣୁନାହାନ୍ତି ବୋଲି ସେ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କୁ ଜଣାଇଛନ୍ତି।

# ଖରସ୍ରୋତାରେ ନିର୍ମାଣ ହେବ ବିଜୁ ସେତୁ

- ସ୍ଥାନ ପରିବର୍ତ୍ତନକୁ ନେଇ ଅସନ୍ତୋଷ
- ପୂର୍ବ ପ୍ରସ୍ତାବିତ ସ୍ଥାନରେ ପୋଲ ନିର୍ମାଣ ପାଇଁ ଦାବି

ରସୁଲପୁର,୨୦।୮(ରଂଜିତ ରାଉତ):



ସେତୁ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି ।

ରସୁଲପୁର ଓ କୋରେଇ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତକୁ ସଂଯୋଗୀକରଣ ନିମନ୍ତେ ଖରସ୍ରୋତା ନଦୀରେ ଏକ ବିଜୁ ସେତୁ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଉକ୍ତ ଦାବି ମୁତାବକ ରାଜ୍ୟ ସରକାରଙ୍କ ପକ୍ଷରୁ ବରେଇ-ତଣ୍ଡରା ସହ ଭୋଟକା ପଞ୍ଚାୟତକୁ ସଂଯୋଗ କରିବା ପାଇଁ ସେତୁକୁ ମଞ୍ଜୁରୀ ମିଳିଛି। ପୋଲର ଆବଶ୍ୟକତା ଓ ଅଞ୍ଚଳବାସୀଙ୍କ ଦାବି ମୁତାବକ ତତ୍କାଳୀନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ପକ୍ଷରୁ ସେତୁ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ କରାଯାଇଥିଲା। ତଦ୍‌ନୁଯାୟୀ କଳ୍ପତରୁ ଖରସ୍ରୋତାରେ ଏକ ବିଜୁ ସେତୁ ନିର୍ମାଣ ପାଇଁ ସରକାରଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଉକ୍ତ ପ୍ରସ୍ତାବ ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏନେଇ ଅର୍ଥ ମଞ୍ଜୁର ହୋଇସାରିଛି। ପୋଲ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଉଛି। ତେବେ ପୋଲ ନିର୍ମାଣ ପାଇଁ ପ୍ରସ୍ତାବିତ ମୂଳ ସ୍ଥାନରେ ପରିବର୍ତ୍ତନ ଅଣାଯାଇଛି। ଯାହାକୁ ନେଇ ନଦୀର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ପ୍ରସ୍ତାବିତ ବରେଇ-ତଣ୍ଡରା ସହ ଭୋଟକା ପଞ୍ଚାୟତର ମା' ହିଙ୍ଗୁଳାଙ୍କ ପୀଠ ବଇଞ୍ଚ ପଡ଼ିଆକୁ ସଂଯୋଗ କରୁଥିବା ସ୍ଥାନରେ ପୋଲ ନିର୍ମାଣ ପାଇଁ ଦାବି ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ପୋଲ ନିର୍ମାଣ ସ୍ଥାନରେ ପରିବର୍ତ୍ତନ କରିବା ପାଇଁ ପ୍ରଶାସନିକସ୍ତରରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଯାଜପୁର ପୂର୍ତ୍ତ ବିଭାଗ ଅଧୀନରେ ପୋଲ ନିର୍ମାଣ ପାଇଁ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ଏହି ପୋଲ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିବା ସମୟରେ ତାର ବାମପାର୍ଶ୍ୱ ମୁଣ୍ଡ ବରେଇ ଗ୍ରାମକୁ ସଂଯୋଗ କରୁଥିବାବେଳେ ଡାହାଣ ପାର୍ଶ୍ୱ ମୁଣ୍ଡ ଭୋଟକା ପଞ୍ଚାୟତର ମା' ହିଙ୍ଗୁଳା ପୀଠକୁ ସଂଯୋଗ କରିବାକୁ ପ୍ରସ୍ତାବ ରହିଥିଲା। ମା' ହିଙ୍ଗୁଳା ହେଉଛନ୍ତି ବରେଇ ଓ ତଣ୍ଡରା ଗ୍ରାମବାସୀଙ୍କ ଆରାଧ୍ୟ ଦେବୀ। ଏହି ପୀଠକୁ ଯାତାୟାତରେ ଖରସ୍ରୋତା ନଦୀ ବାଧକ ସାଜିଥିଲା। ଏହାଛଡ଼ା ଯାଜପୁର ଜିଲାର ଶିଳ୍ପାଞ୍ଚଳ କଳିଙ୍ଗନଗରକୁ ଯାତାୟାତ କରିବାରେ ଅଞ୍ଚଳବାସୀଙ୍କୁ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ଦେବୀ ମା' ହିଙ୍ଗୁଳାଙ୍କ ଭଉଣୀ କୋରେଇ ବ୍ଲକ ଖମଣ ପଞ୍ଚାୟତର ଶଙ୍ଖଚିଲାଠାରେ ପୂଜା ପାଉଛନ୍ତି। ସେ ସ୍ଥାନକୁ ଯାତାୟାତ ପାଇଁ ପୋଲ ବିଶେଷ ଉପଯୋଗୀ ହେବ। ଯାଜପୁରରୋଡ୍‌ରୁ କଟକ ଯିବାରେ ପୋଲ ବହୁ ସହାୟକ ହେବ। ଏମିତି କି ପୂର୍ବ ପ୍ରସ୍ତାବିତ ସ୍ଥାନରେ ପୋଲ ନିର୍ମାଣ ହେଲେ କଟକ-ଯାଜପୁରରୋଡ୍ ରାସ୍ତା ୧୦ କି.ମି. କମ୍ ହୋଇଯିବ ବୋଲି କୁହାଯାଉଛି। ମାତ୍ର ରାଜନୈତିକ ଅଭିସନ୍ଧି ରଖି ପୂର୍ବ ପ୍ରସ୍ତାବିତ ସ୍ଥାନରେ ପରିବର୍ତ୍ତନ ଅଣାଯାଇ ପୋଲର ଡାହାଣ ପାର୍ଶ୍ୱକୁ କଇଞ୍ଚି ଗାଁକୁ ସଂଯୋଗ କରିବାକୁ ସ୍ଥିର କରାଯାଇଛି। ଏ ସମ୍ପର୍କରେ ଅବଗତ ହେବା ପରେ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହେବା ସହ ପୂର୍ବ ସ୍ଥାନରେ ପୋଲ ନିର୍ମାଣ କରିବାକୁ ଦାବି କରୁଛନ୍ତି। ପୋଲ ନିର୍ମାଣ ପାଇଁ ସ୍ଥିରୀକୃତ ସ୍ଥାନରେ କେବଳ ଗୋଟିଏ ଗାଁ ଲୋକଙ୍କ ଉପକୃତ ହେବାକୁ ଗୁରୁତ୍ୱ ଦିଆଯାଇଛି। ଏହାକୁ ବାତିଲ କରାଯାଇ ପୂର୍ବ ପ୍ରସ୍ତାବିତ ସ୍ଥାନକୁ ସର୍ଭେ କରାଯାଇ ପୋଲ ନିର୍ମାଣ କରାଗଲେ ଲୋକଙ୍କ ଦୀର୍ଘଦିନର ଦାବିପୂରଣ ହୋଇପାରିବ। ଅନ୍ୟପକ୍ଷରେ ନଦୀ ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣଙ୍କ ମତାମତ ଓ ଗ୍ରାମସଭା ଜରିଆରେ ପ୍ରସ୍ତାବ ଗ୍ରହଣ କରାଯାଇ ପୋଲ ନିର୍ମାଣ ସ୍ଥାନ ସ୍ଥିର କରାଯିବାକୁ ଦାବି କରାଯାଇଛି। ଏହା ନ ହେଲେ ପୋଲ ନିର୍ମାଣର ଅସଲ ଉଦେଶ୍ୟପୂରଣ ହୋଇପାରିବ ନାହିଁ ବୋଲି ବରେଇ-ତଣ୍ଡରା, ଭୋଟକା, ରସୁଲପୁର, ଗନ୍ଧଣ, ବଡ଼ବିରୁଆଁ ଓ ଗୋଳେଇପୁର ଆଦି ପଞ୍ଚାୟତର ଜନସାଧାରଣ ମତ ରଖିଛନ୍ତି। ଲୋକଙ୍କ ଦାବିକୁ ଅଣଦେଖା କରାଗଲେ ସେମାନେ ଆଇନର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି।

# ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପାଇଁ ଜଗତ୍‌ସିଂହପୁରକୁ ମିଳିଛି ୧.୭୫ କୋଟି

ଜଗତ୍‌ସିଂହପୁର, ୨୦।୮ (ପ୍ରମୋଦ କୁମାର ନାୟକ)

**ବିଧାୟକଙ୍କୁ ମିଳିଲା ବିଧାନସଭାରୁ ଉତ୍ତର**

- ମୁକ୍ତା ଯୋଜନାରେ ୧.୨୯ କୋଟି ଖର୍ଚ୍ଚ ହୋଇପାରିନାହିଁ
- ୧୫୧ ଅନୁମୋଦିତ କଲ୍ୟାଣ ମଣ୍ଡପ ମଧ୍ୟରୁ ୧୦୦ ଅସମ୍ପୂର୍ଣ୍ଣ

ଜଗତ୍‌ସିଂହପୁର ଭାଜପା ବିଧାୟକ ଅମରେନ୍ଦ୍ର ଦାସଙ୍କୁ ନେଇ ଚର୍ଚ୍ଚା ଥମୁନି। ନିର୍ବାଚନ ପୂର୍ବରୁ ସେ ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ମୁଦୁଲି ଓ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିବା ଚିରଞ୍ଜୀବ ବିଶ୍ୱାଳଙ୍କୁ କେବଳ ଚ୍ୟାଲେଞ୍ଜ କରି ନ ଥିଲେ ବିଧାୟକ ହୋଇ ନିଜର ପତିଆରା ଜାହିର କରି ପାରିଥିଲେ। ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ ସୁଦ୍ଧା ଅମରେନ୍ଦ୍ର ବିଧାନସଭାରେ ଜଗତ୍‌ସିଂହପୁର ଜିଲା ସ୍ୱାର୍ଥ କଥା ଉଠାଇ ଚାଲିଛନ୍ତି। ଏପରି କି କେତେକ ପ୍ରଶ୍ନର ଉତ୍ତର ମାଗିଛନ୍ତି। ବିଧାନସଭାରୁ ତାଙ୍କୁ ମିଳିଥିବା ଉତ୍ତରଗୁଡ଼ିକ ସାର୍ବଜନୀନ କରିବାକୁ ଚେଷ୍ଟା କରି ସେ ନିଆରା ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି।

ବିଧାୟକ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଓ ଆଲୋକୀକରଣର ଉନ୍ନତୀକରଣ ସମ୍ପର୍କିତ ପ୍ରଶ୍ନ କରି ଏହା ଉପରେ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହାର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବର୍ଷାଜଳ ନିଷ୍କାସନ ନେଇ ଡ୍ରେନେଜ୍ ମାଷ୍ଟର ପ୍ଲାନ ପ୍ରସ୍ତୁତ ଚାଲିଥିବା ଦର୍ଶାଇଥିଲେ। ଏହି ପ୍ଲାନ ପ୍ରସ୍ତୁତି ପାଇଁ ୨୦୨୦-୨୧ ଓ ୨୦୨୩-୨୪ ଆର୍ଥିକ ବର୍ଷ ବିଭାଗ ପକ୍ଷରୁ ୧ କୋଟି ୭୫ ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରାଯାଇଛି, ଯେଉଁଥିରେ ପ୍ଲାନ ପ୍ରସ୍ତୁତି ପ୍ରକ୍ରିୟା ଚାଲୁରହିଛି। ଏଥିସହ ପୌରପାଳିକାରେ ଲାଇଟିଂ ସିଷ୍ଟମ ଉନ୍ନତୀକରଣ ପାଇଁ ଏନ୍‌ଇଇଭି ଏନର୍ଜି ଏଲ୍‌ଏଲ୍‌ପି ସଂସ୍ଥା ସହ ୧୯।୭।୨୪ରେ ୫ ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅନୁରୂପ ଭାବେ ମୁକ୍ତା ଯୋଜନାରେ ଜଗତ୍‌ସିଂହପୁର ପୌରପାଳିକାରେ ହୋଇଥିବା କାମ ସମ୍ପର୍କିତ ତଥ୍ୟ ମାଗିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଦର୍ଶାଇଥିଲେ ଯେ, ଏହି ଯୋଜନାରେ ଜଗତ୍‌ସିଂହପୁର ପୌରପାଳିକାକୁ ମୋଟ ୮,୫୭,୭୧,୦୦୦ ଟଙ୍କା ଅନୁଦାନ ଦିଆଯାଇଛି। ସେଥିରୁ ୭,୨୭,୮୮,୨୪୮ ଟଙ୍କା ଖର୍ଚ୍ଚ କରାଯାଇଛି। ଅବଶିଷ୍ଟ ୧,୨୯,୮୨,୭୫୨ ଟଙ୍କା ଏ ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇ ପାରିନାହିଁ। ଖର୍ଚ୍ଚ ଅନୁଦାନ ମଧ୍ୟରେ ୪ଟି ଡ୍ରେନ ପ୍ରକଳ୍ପ ରହିଛି। ଏହାର ନିର୍ମାଣ ଓ ମରାମତି ବାବଦରେ ୭,୬୯,୯୧୯ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ୪୮୩ଟି ବର୍ଷା ଜଳ ସଂରକ୍ଷଣ ଷ୍ଟ୍ରକ୍‌ଚର୍ ବାବଦରେ ୨,୨୦,୨୪,୩୮୬, ୮ଟି ଲୁ ପାଇଁ ୭,୫୫,୩୬୮, ଗୋଟିଏ ପେଣ୍ଟିଂ ପାଇଁ ୨,୮୨,୮୩୮ ସହ ୨୩ଟି ପାଦଚଲା ଟ୍ରାକ୍‌ରେ ୯୮,୬୯,୮୧୭, ୧୫ଟି ଓପନ ଏୟାର ଜିମ୍‌ରେ ୧,୩୨,୨୨,୮୮୪, ୧୩ଟି ଓପନ ସ୍ପେସ୍ ଡେଭଲପମେଣ୍ଟରେ ୫୦,୫୧,୩୦୨, ୧୨ଟିଚିଲ୍ଡ୍ରେନ୍ ପାର୍କରେ ୮୯,୮୬,୭୫୯, ୬ଟି ମିନି ପାର୍କରେ ୬୦,୯୩,୧୩୨, ୪ଟି ଭେଣ୍ଡିଂ ଜୋନରେ ୫୨,୭୪,୬୧୯ ଓ ଗୋଟିଏ ପରିଚୟ ଗୃହରେ ୪,୫୭,୨୨୪ ଏହିପରି ମୋଟ ୫୭୦ଟି ପ୍ରକଳ୍ପ ପାଇଁ ୭,୨୭,୮୮,୨୪୮ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ଦିଆଯାଇଛି। ଜଗତ୍‌ସିଂହପୁର ସମେତ ରାଜ୍ୟର ବ୍ଲକଗୁଡିକରେ କେତେ ହିସାବରେ କଲ୍ୟାଣ ମଣ୍ଡପ ଅନୁମୋଦିତ ହୋଇଛି ଏବଂ ସେଗୁଡିକର ସ୍ଥିତି ସମ୍ପର୍କରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଦର୍ଶାଇଥିଲେ, ଓଡ଼ିଶାରେ ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ବ୍ଲକ ପିଛା ହାରାହାରି ୧୫ରୁ ୨୦ଟି ହିସାବରେ ସାରା ରାଜ୍ୟର ୩୧୪ଟି ବ୍ଲକରେ ମୋଟ ୪୩୩୮ଟି କଲ୍ୟାଣ ମଣ୍ଡପ ମଞ୍ଜୁର ହୋଇଛି।

ସେଥିମଧ୍ୟରୁ ୧୬୨୫ଟି ଶେଷ ହୋଇଥିବାବେଳେ ଅବଶିଷ୍ଟ ୨୭୧୩ଟି ଅସମ୍ପୂର୍ଣ୍ଣ ଅର୍ଥାତ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କେବଳ ଜଗତ୍‌ସିଂହପୁର ଜିଲାରେ ୧୯ଟି ହିସାବରେ ୮ଟି ବ୍ଲକରେ ୯ ବର୍ଷରେ ୧୫୧ଟି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ସେଥିରୁ ମାତ୍ର ୫୧ଟି ଶେଷ ହୋଇ ପାରିଛି। ଅବଶିଷ୍ଟ ୧୦୦ଟି ଅସମ୍ପୂର୍ଣ୍ଣ ଅର୍ଥାତ୍ କାମ ଚାଲିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ୧୯୯୯ ମହାବାତ୍ୟା ପରେ ଜିଲାରେ ପ୍ରଭାବିତ ପରିବାରଙ୍କୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଇଥିଲା। ଲୋକଙ୍କ ପାଖରେ ଅର୍ଥାଭାବ କାରଣରୁ ଠିକାଦାରମାନେ ନିମ୍ନମାନର କାମ କରିଥିବାରୁ ଘରଗୁଡିକ ବିପଦସଙ୍କୁଳ ଅବସ୍ଥାକୁ ଚାଲି ଆସିଛି। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ ଏହି ଖବର ସରକାରଙ୍କ ଦୃଷ୍ଟିକୁ ଆସିନାହିଁ ବୋଲି ଦର୍ଶାଇଛନ୍ତି। କିନ୍ତୁ ଭାରତ ସରକାରଙ୍କ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟର ଅନୁମତିପ୍ରାପ୍ତି ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁରୀରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଲ୍ଲେଖ କରିଛନ୍ତି। ଶ୍ରମ ବିଭାଗ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉଲ୍ଲେଖ କରିଛନ୍ତି ଯେ, ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୨୫,୩୨୬ ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ ସହ ପରିଚୟ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି। ବିଧାୟକ ଏହି ଉତ୍ତର ପାଇଲା ପରେ ସାର୍ବଜନିନ କରି ନିର୍ବାଚନମଣ୍ଡଳୀରେ ନୂଆ ଇତିହାସ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି।

# ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ



ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ।

ଜଗତ୍‌ସିଂହପୁର, ୨୦।୮ (ପ୍ରମୋଦ କୁମାର ନାୟକ)

ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ନେତା ଓ କର୍ମୀମାନେ ପ୍ରଥମେ ସ୍ଥାନୀୟ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ରାଜୀବଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ଜିଲା ସଭାପତି ନଟବର ବାରିକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନୀ ରାଉତ, ସର୍ବେଶ୍ୱର ପଣ୍ଡା, ମାନସ ରଥ, ପୂର୍ବତନ ବ୍ଲକ ସଭାପତି ଅଭୟ ମହାନ୍ତି, ପୂର୍ବତନ ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ଲକ୍ଷ୍ମୀନାରାୟଣ ସାମନ୍ତରାୟ, ଇମ୍‌ତିଆଜ ଖାନ୍, ଜଗଦାନନ୍ଦ ବେହେରା, ସରପଞ୍ଚ ପ୍ରମୋଦ ସାହୁ, ଉମେଶ ସ୍ୱାଇଁ, ଛାତ୍ର କଂଗ୍ରେସର କୃଷ୍ଣଚନ୍ଦ୍ର ପ୍ରଧାନ, ଶଙ୍କରେଶ୍ୱର ଦାସ, ସୁକାନ୍ତ ମହାପାତ୍ର, ପ୍ରସନ୍ନ ସାମନ୍ତରାୟ, ସୁଶାନ୍ତ ରାୟ, ସାରଦା ଦାସ, ଆଶୀର୍ବାଦ ତ୍ରିପାଠୀ ଓ ବାଲିକୁଦା ପୂର୍ବତନ ବ୍ଲକ ସଭାପତି ବିକ୍ରମ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧର୍ମଶାଳା, ୨୦।୮ (ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଅଣ୍ଡିଆ ଗ୍ରାମରେ ଜଣେ ବୃଦ୍ଧ ଗ୍ରାମ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର କୃଷ୍ଣ ରାଉତ (୮୯)। ପୋଖରୀରେ ଗାଧୋଉଥିବା ବେଳେ କୃଷ୍ଣ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରକ୍ତ କର୍କଟ ରୋଗୀ ସରସ୍ୱତୀଙ୍କୁ ସହାୟତା

ପଟ୍ଟାମୁଣ୍ଡାଇ, ୨୦।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଚନ୍ଦନନଗର ପଞ୍ଚାୟତ ଗୋପ୍ତିରା ଗାଁର ଗରିବ ସରସ୍ୱତୀ ବାୟୀ ୨ ବର୍ଷ ହେବ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। ମୁଣ୍ଡ ଗଞ୍ଜିବାକୁ ଘର ଖଣ୍ଡେ ନ ଥିବାରୁ ବର୍ଷା ହେଲେ ପର ଘରେ ଆଶ୍ରୟ ନେଉଛନ୍ତି। ସ୍ତ୍ରୀ ରୋଗଗ୍ରସ୍ତ ହେବା ଦିନରୁ ସ୍ୱାମୀ ନରେଶ ତାଙ୍କ ସେବାରେ ଦିନ ଯାଉଛି। ରୋଜଗାର ବନ୍ଦ ହୋଇଯିବାରୁ ୨ ଓଳି ଖାଇବା ସମ୍ଭବ ହେଉନାହିଁ। ଅପରପକ୍ଷେ ଅର୍ଥ ଅଭାବରୁ ଉନ୍ନତ ଚିକିତ୍ସା ଦେଇପାରୁନାହାନ୍ତି। ଏ ନେଇ ୧୭ ତାରିଖରେ 'ଧରିତ୍ରୀ' 'ସହାୟତା ଅପେକ୍ଷାରେ ରକ୍ତ କର୍କଟ ରୋଗୀ' ଖବର ପ୍ରକାଶ ପାଇଥିଲା। ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସରସ୍ୱତୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାର ଆଲାସ୍କା ବିଶ୍ୱବିଦ୍ୟାଳୟର ଏମିରେଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟର ସଂଯୋଜକ ପ୍ରଦୀପ କୁମାର ମହାନ୍ତି ପୀଡ଼ିତା ସରସ୍ୱତୀଙ୍କ ଘରେ ଭେଟିଥିଲେ। ସହାୟତା ପ୍ରଦାନ ସମୟରେ ଟ୍ରଷ୍ଟର ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସରସ୍ୱତୀଙ୍କୁ ସହାୟତା ପ୍ରଦାନ କରାଯାଇଛି।



ପାରାଦୀପ ବେଳାଭୂମି ରାସ୍ତା ଦୁଇ ପାର୍ଶ୍ୱରେ ଭାରିଯାନ ରହୁଛି। ଏଥିଯୋଗୁ ପର୍ଯ୍ୟଟକମାନେ ଅସୁବିଧାରେ ପଡୁଛନ୍ତି। (ଫଟୋ- ଶରତ ରାଉତ)

# ଗରିବ ଚାଷୀଙ୍କ ଜମି ହଡ଼ପ ଅଭିଯୋଗ

ପାରାଦୀପ, ୨୦।୮ (ଶରତ ରାଉତ)

**ଅଭିଯୋଗ ଭିତ୍ତିହୀନ: ବନ୍ଦର ସଚିବ**

ପାରାଦୀପ ବନ୍ଦର ୧୯୬୨ରୁ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଜମି ବିବାଦ ଲାଗିରହିଛି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ତହସିଲ ଅନ୍ତର୍ଗତ କାଠଗଡ଼ା, ପୀତାମ୍ବରପୁର, ପାରାଦୀପଗଡ଼, ନରେନ୍ଦ୍ରପୁର, ନୂଆଗାଁ ଓ ବାଲିଡିଆ ଗ୍ରାମର କେତେଜଣ ଚାଷୀ ଏବେ ସେମାନଙ୍କ ଜମି ହଡ଼ପ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ନୂଆବଜାରସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ନିଜର ତଥ୍ୟ ପ୍ରଦାନ କରିଛନ୍ତି। ଚାଷୀ ରବୀନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି, ପାରାଦୀପ ସଂଲଗ୍ନ ଭିତରଗଡ଼ ପ୍ଲଟ ନଂ. ୪୭, ହାଲ୍ ଖାତା ନଂ.୧ ଓ ପ୍ଲଟ ନଂ. ୫୧, ରକବା ଏ ୮.୨୮ ଡିସିମିଲ, କିସମ ଶାରଦ ସ୍ଥିତିବାନ ଜମିକୁ ଚାଷକରି ଚଳୁଥିଲୁ। ଏହା ଭଗିଆ କନ୍ଧା ନାମରେ ନାମିତ। ଉକ୍ତ ଜମିକୁ ଆମେ ପାରାଦୀପ ବନ୍ଦର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ବିକ୍ରି କରିନାହୁଁ। ୧୯୮୪ରେ କୁଜଙ୍ଗ ତହସିଲ ଭୁଲ ବଶତଃ ଉକ୍ତ ଜମି ପାରାଦୀପ ବନ୍ଦରକୁ ହସ୍ତାନ୍ତର କରିଥିଲେ। ଏପରିକି ୧୯୯୪ ମସିହାରେ ଭୂଲେଖରେ ତତ୍କାଳୀନ ତହସିଲଦାର ଉକ୍ତ ଜମି ପାରାଦୀପ ବନ୍ଦର ନାମରେ ଉଲ୍ଲେଖ କରିଛନ୍ତି। ଏ ନେଇ ହାଇକୋର୍ଟରେ ମାମଲା (ଡବ୍ଲ୍ୟୁପିସି ୩୦୩୮/୨୦୦୩) ହୋଇଥିଲା। ପରେ ଚାଷୀମାନେ କଟକ ଏଲ୍‌ଆର୍‌ସି ଅଦାଲତରେ ଆବେଦନ କରିଥିଲେ। ଏଲ୍‌ଆର୍‌ସି ମାମଲା (ନଂ. ୪୭/୨୦୨୦)କରି ରେକର୍ଡ ସଂଶୋଧନ କରିବା ପାଇଁ ଗତ ୧୦।୦୧।୨୦୨୩ରେ ଆଦେଶ ଦେଇଥିଲେ। ଏହାର ୩ ମାସ ମଧ୍ୟରେ ରିପୋର୍ଟ ଦେବା ପାଇଁ କୁହାଯାଇଥିଲା। ଏହା ମଧ୍ୟରେ ୧ ବର୍ଷ ୮ ମାସ ଗଲାଣି। କୁଜଙ୍ଗ ତହସିଲଦାରଙ୍କ ପାଖକୁ ୫୦ରୁ ଅଧିକ ଥର ଯାଇ ନିରାଶ ହେବା ପରେ ଗଣମାଧ୍ୟମ ଜରିଆରେ ସରକାରଙ୍କ ପାଖରେ ଅଭିଯୋଗ କରୁଛୁ ବୋଲି ଶ୍ରୀବଲ୍ଲଭ କର କହିଛନ୍ତି। ଉକ୍ତ ଜମିକୁ ପାରାଦୀପ ବନ୍ଦର ଏକ ଘରୋଇ କମ୍ପାନୀକୁ ଲିଜ୍ ଦେଇଛି। ଉକ୍ତ ଘଟଣା ସମ୍ପର୍କରେ ପାରାଦୀପ ବନ୍ଦର ସଚିବ ୟୁ.ଆର.ମୋହନରାଜୁଙ୍କୁ ପଚାରିବାରେ ୧୯୬୩ରେ ଉକ୍ତ ଜମିକୁ ରାଜ୍ୟ ସରକାର ପାରାଦୀପ ବନ୍ଦର ନାମରେ ଉଲ୍ଲେଖ କରିଛନ୍ତି। ଏପରିକି ଏହି ଘଟଣାରେ ଜଡ଼ିତ ମାମଲାକୁ କୁଜଙ୍ଗ ଅଦାଲତ ମଧ୍ୟ ପାରାଦୀପ ବନ୍ଦର ସପକ୍ଷରେ ଶୁଣାଣି କରିଛନ୍ତି। ସମସ୍ତ ପ୍ରକାର ସରକାରୀ ରେକର୍ଡ ପାରାଦୀପ ବନ୍ଦର ପାଖରେ ଅଛି। ଏଥିରେ କିଛି ଭୁଲ୍ ହୋଇନାହିଁ କିମ୍ବା କାହା ଜମି ହଡ଼ପ କରାଯାଇନାହିଁ। ଏହି ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। କୁଜଙ୍ଗ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲଙ୍କୁ ପଚାରିବାରେ ଏତେବର୍ଷର ପୁରୁଣା ରେକର୍ଡ ଅନୁଧ୍ୟାନ କରି ଏଲ୍‌ଆର୍‌ସି ଅଦାଲତରେ ଦେବା ବିଳମ୍ବ ହୋଇଛି। ସମସ୍ତ ରେକର୍ଡ ଯାଞ୍ଚ କରି ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି।



ପାରାଦୀପ ଭିତରଗଡରେ ଥିବା ବିବାଦୀୟ ଭଗିଆ କନ୍ଧା ଜମି।

# ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ୱାର୍ଡସଭ୍ୟ ତାଲିମ ଶିବିର

ପଟ୍ଟାମୁଣ୍ଡାଇ, ୨୦।୮ (କଳ୍ପତରୁ ନାୟକ)

ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପଯୁକ୍ତ ଭାବେ ତାଲିମ କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକରେ ୱାର୍ଡସଭ୍ୟମାନଙ୍କୁ ନେଇ ତାଲିମ ଶିବିର ୨ ତାରିଖରୁ ଆରମ୍ଭ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୁଭ୍ରାଂଶୁ ସାହୁ ପ୍ରମୁଖ ଯୋଗଦେଇ ପଞ୍ଚାୟତ ସମିତିର ସମସ୍ତ ସରକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ପଟ୍ଟାମୁଣ୍ଡାଇ ଏବିଡିଓ ସନ୍ତୋଷ ମନ୍ତ୍ରୀ, ଜିପିଡିଓ ପୀତାମ୍ବର ଜେନା, ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟରଞ୍ଜନ ସ୍ୱାଇଁ, ପିଇଓ ପ୍ରଭାତ ମଲ୍ଲିକ ଯୋଗଦେଇ ବ୍ଲକ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ସରକାରଙ୍କ ପକ୍ଷରୁ ଏସ୍‌ଆଇଡି ପ୍ରଶିକ୍ଷକ ଲଳିତ କୁମାର ସାହୁ, ସରୋଜିନୀ ନନ୍ଦ ପ୍ରମୁଖ ରିସୋର୍ସ ପର୍ସନ ୱାର୍ଡସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ଅଣରା, ଅମୃତମଣୋହି, ଅରଡ଼ପଲ୍ଲୀ, ଖଣତା, ବାଛରା, ଅଳପୁଆ ବଲୁରିଆ, ବାଲିପାଟଣା, ସିଂହଗାଁ ଚନ୍ଦନନଗର ଓ ବିଳିକଣା, ନରସିଂହପୁର ଓଉପଦା, ପେଣ୍ଠପାଳ ସାନଜରିଆ, ଶାସନ, ଶ୍ରୀରାମପୁର ଡାମରପୁର, ସଂସାରଫଳ, ଗଙ୍ଗାରାମପୁର, ବଡ଼ପଡା, ବଡ଼ମୋହନପୁର ଦିହୁଡିପୁର, ଦୋଷିଆ, କଖାରୁଣୀ, ଖଡ଼ିଅଣ୍ଟା, ବଡ଼ମୂଳବସନ୍ତ, ଡିହାପଡ଼ା, ନୀଳକଣ୍ଠପୁର, ତରଡ଼ିପାଳ ଆଦି ୩୧ ପଞ୍ଚାୟତର ୱାର୍ଡସଭ୍ୟ ବିଭିନ୍ନ ଦିବସରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।




ୱାର୍ଡସଭ୍ୟ ତାଲିମ ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ମହମବତି ପଦଯାତ୍ରା

କୁଜଙ୍ଗ, ୨୦।୮ (ମନୋଜ ପ୍ରଧାନ)

**କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ଘଟଣାର ପ୍ରତିବାଦ**

କୋଲ୍‌କାତାର ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମ୍ବେଡ୍‌କର ସ୍ମୃତି ପରିଷଦ ପକ୍ଷରୁ ଢିଙ୍କିଆ ପଞ୍ଚାୟତ ମାହାଳଠାରେ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଦାବି କରଯାଇଛି।

ଏ ନେଇ ସୋମବାର ରାତିରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅମାନୁଷିକ ହତ୍ୟା ଘଟଣାକୁ ପରିଷଦ ପକ୍ଷରୁ ନିନ୍ଦା କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଭାପତି ବିପୁନି କୁମାର ଦାସ କହିଛନ୍ତି। ଅନୁଷ୍ଠାନ ସମ୍ପାଦକ ତଥା ବବୁଲୁ ମଲ୍ଲିକ କହିଥିଲେ, ଏନ୍‌ସିଆରବି ରିପୋର୍ଟ ଆଧାରରେ ଭାରତରେ ପ୍ରତ୍ୟେକ ଦିନ ୮୬ଟି ବଳାତ୍କାର ହେଉଛି। ଏହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଦୁଃଖଦାୟକ ବୋଲି ଦାସ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପସଭାପତି ଫିରୋଜ ବେଉରା, ବସୁଦେବ ଜେନା, ସୌମ୍ୟରଞ୍ଜନ ବେହେରା, ପ୍ରିୟତମା ରାୟ, ସାଗରିକା ଦାସ, ଧନେଶ୍ୱର ଦଳାଇ, ହରିହର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।



ମହମବତି ଯାତ୍ରାରେ ସାମିଲ ହୋଇଥିବା ଆମ୍ବେଡ୍‌କର ସ୍ମୃତି ପରିଷଦର କର୍ମକର୍ତ୍ତାମାନେ।

# ମଣ୍ଡିରେ ଧାନ ଦେବାରୁ ୮ ଗ୍ରାମର ଚାଷୀ ବଞ୍ଚିତ

ରଘୁନାଥପୁର, ୨୦।୮ (ରାଜେନ୍ଦ୍ର ନାରାୟଣ ସିଂହ)

- ୨୫ ବର୍ଷ ଧରି ସେବା ସମବାୟ ସମିତି ଅଚଳ
- ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ହୋଇପାରୁନାହିଁ
- ନିଜସ୍ୱ ଜମି ହେଲେ ନିର୍ମାଣ ହେଉନି ଗୃହ
- ନେଣଦେଣ କାରବାର ଠପ୍




କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ମହମ୍ମଦପୁରରେ ଥିବା ମଣିଜଙ୍ଗ ସେବା ସମବାୟ ସମିତିରେ ଗତ ୨୫ ବର୍ଷ ହେବ ଅଚଳାବସ୍ଥା ଲାଗିରହିଛି। ୧୯୯୯ ମହାବାତ୍ୟା ବେଳେ ସମିତିର ଅଫିସ୍ ଗୃହ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ପୁନର୍ବାର ସମିତିକୁ କାର୍ଯ୍ୟକାରୀ କରାଇବାରେ ସରକାରଙ୍କ ଆନ୍ତରିକତା ପ୍ରକାଶ ପାଇନାହିଁ। ବର୍ତ୍ତମାନ ପ୍ରଶାସନିକ ଦାୟିତ୍ୱ ଜଗତ୍‌ସିଂହପୁର ଜିଲା ଅଧୀନରେ ଥିବାବେଳେ ଧାନମଣ୍ଡି ଦାୟିତ୍ୱ କଟକ ଜିଲା ଯୋଗାଣ ବିଭାଗ ଅଧୀନରେ ରହିଛି। ଗତ ୨୦୨୨ରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ତତ୍କାଳୀନ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ମଣିଜଙ୍ଗ ଓ ମହମ୍ମଦପୁର ପଞ୍ଚାୟତର ୮ଟି ରାଜସ୍ୱ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ସମିତିରେ ସଭ୍ୟ ଥାଇ ସୁଦ୍ଧା ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ସମିତିରେ କମ୍ପ୍ୟୁଟର ସହ ଆଇଡି ପାସ୍‌ୱାର୍ଡ ଓ ଲିଙ୍କ୍ ଯୋଗାଇ ଦିଆଯାଇ ନ ଥିବାରୁ ଚାଷୀମାନେ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ପାରି ମଣ୍ଡିରେ ଧାନ ଦେଇପାରୁନାହାନ୍ତି।

ଅନ୍ୟପକ୍ଷେ ସାର, ଔଷଧ ମଧ୍ୟ ପାଇପାରୁନାହାନ୍ତି। ଏହାଛଡ଼ା ସମିତିରୁ ଲୋନ୍ ନେବା ଏବଂ ନେଣଦେଣ କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମହାବାତ୍ୟା ପୂର୍ବରୁ ଦ୍ୱୀପାଞ୍ଚଳରେ ସକ୍ରିୟ ଥିବା ଏହି ସମିତି ବର୍ତ୍ତମାନ ନିଜର ସ୍ଥିତି ହରାଇବସିଛି ବୋଲି ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରା ପ୍ରକାଶ କରିଛନ୍ତି। ସମିତିର ନିଜସ୍ୱ ଜମି ଥିବାବେଳେ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଛି। ଏହାସତ୍ତ୍ୱେ ଅଫିସ୍ ଓ ଗୋଦାମଘର ନାହିଁ। ସମିତିକୁ ଲାଗି ରହିଥିବା ପଞ୍ଚାୟତ ଅଫିସ୍ ପକ୍ଷରୁ ଗୋଟିଏ ଛୋଟଘର ଯୋଗାଇ ଦିଆଯାଇଛି। ସ୍ଥାନୀୟ ଉତ୍ତରକୁଳ ସମିତିର ସମ୍ପାଦକ ଅବିନାଶ ରାଉତ ଏହାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବିଗତ ଦିନରେ ଋଣ ନେଇଥିବା ଚାଷୀଙ୍କୁ ଖୋଜି ବାହାର କରିବା ଏବଂ ନୂତନ ଚାଷୀଙ୍କୁ ଋଣ ପ୍ରଦାନ କରିବା ସମ୍ପର୍କରେ ବିଚାର କରାଯାଉଛି ବୋଲି ସମ୍ପାଦକ ରାଉତ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ସମିତିକୁ ତୁରନ୍ତ ଲିଙ୍କ୍ ଓ ଆଇଡି ପାସ୍‌ୱାର୍ଡ ଯୋଗାଇଦେବା, ଧାନମଣ୍ଡି ଖୋଲିବା ଏବଂ ସାର, ଔଷଧ ଯୋଗାଇଦେବା ପାଇଁ କିଶୋର କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ରଞ୍ଜନ ବେହେରା, ବସନ୍ତ ନାୟକ, ଏସ୍.କେ. ସୋଫିଆନ୍, ଏସ୍.କେ. ଜଲାଲ୍‌ଉଦ୍ଦିନ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ସାହୁ ଓ ସାରଦା ନାୟକ ଏବଂ ମଣିଜଙ୍ଗ ସରପଞ୍ଚ ସାରଦା ପ୍ରସାଦ ମହାନ୍ତି ଜଗତ୍‌ସିଂହପୁର ଓ କଟକ ଜିଲାପାଳ, କେନ୍ଦ୍ରାଞ୍ଚଳ ଆୟୁକ୍ତ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ଲିଙ୍କ୍ ଓ ଆଇଡି ପାସ୍‌ୱାର୍ଡ ଦେବାର ବ୍ୟବସ୍ଥା କରାଯାଉଛି ବୋଲି ଜଗତ୍‌ସିଂହପୁର ଏଆର୍‌ସିଏସ୍ ପ୍ରଭାତ କୁମାର ଶତପଥୀ ପ୍ରକାଶ କରିଛନ୍ତି। ସେହିପରି ଆସନ୍ତା ରବି ସିଜନରେ ମଣ୍ଡି ଖୋଲାଯିବା ପାଇଁ ବ୍ୟବସ୍ଥା ହେଉଛି ବୋଲି କଟକ ଡିଆର୍‌ସିଏସ୍ ଶିବପ୍ରସାଦ ସ୍ୱାଇଁ କହିଛନ୍ତି।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧର୍ମଶାଳା,୨୦।୮(ବଟକୃଷ୍ଣ ପରିଡ଼ା): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଅଣ୍ଟିଆ ଗ୍ରମରେ ଜଣେ ବୃଦ୍ଧ ଗ୍ରାମ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର କୃଷ୍ଣ ରାଉତ(୮୯)। ପୋଖରୀରେ ଗାଧୋଉଥିବା ବେଳେ କୃଷ୍ଣ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମୃତ ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବ୍ରହ୍ମବରଦା,୨୦।୮ (ଯଯାତି କେଶରୀ ବେହେରା): କୋଲକାତାର ଆର୍‌ଜି କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଏହିକ୍ରମରେ ବ୍ରହ୍ମବରଦାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିଏମ୍‌ସି କ୍ଲବ୍ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇ ମୃତ ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବି କରାଯାଇଛି। ବ୍ରହ୍ମବରଦା ବଜାର ଘାଟଠାରୁ ଏହି ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶହଶହ ମୁସଲିମ ଓ ହିନ୍ଦୁ ସମ୍ପ୍ରଦାୟର ଯୁବକ ସାମିଲ ହୋଇ ବିଭିନ୍ନ ନାରା ଦେଇ ବ୍ରହ୍ମବରଦା ତାରିଣୀ ଛକଠାରେ ପହଞ୍ଚିଥିଲେ।

## କୁଣ୍ଡପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

ବ୍ରହ୍ମବରଦା,୨୦।୮ (ଯଯାତି କେଶରୀ ବେହେରା): ବ୍ରହ୍ମବରଦା ଥାନା ଅଧୀନ ରାଉତରାପୁର ପଞ୍ଚାୟତସ୍ଥିତ କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ରଶ୍ମିତା ରାଉତ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ୨ ଜଣଙ୍କୁ ଡାକି ପଚରାଉଚରା କରିବା ପରେ ଛାଡ଼ିଦେଇଛି। ଗତ ରବିବାର ରାତିରେ ଦୁର୍ବୃତ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଇନଭର୍ଟର ମିସିନ, ବ୍ୟାଟେର, ସିସିଟିଭି କ୍ୟାମେରାର ଡିଭିଆର ବକ୍ସ, ୨ ହାଲୋଜିନ ଲାଇଟ ନେଇଯିବା ସହ ଚିକିତ୍ସା କେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରାକୁ ବାଡ଼େଇ ଭାଙ୍ଗିଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ନଂ.୧୫୨/୨୪ରେ ଏକ ମାମଲା ରୁଜୁ ହୋଇଛି ବୋଲି ଏସ୍‌ଆଇ ସୁଶାନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ପଞ୍ଚାୟତରେ ଥିବା ଦର୍ଶନ ହାଇସ୍କୁଲରୁ ପୂର୍ବରୁ ତିନିଥର ଚୋରି ହୋଇଥିବାବେଳେ କିଛି ଦିନ ତଳେ ଦୁର୍ବୃତ୍ତ କମ୍ପ୍ୟୁଟର ଲ୍ୟାବର ତାଲା ଭାଙ୍ଗି କମ୍ପ୍ୟୁଟର ସାମଗ୍ରୀ ଚୋରିକରି ନେଇଛନ୍ତି। ହେଲେ ପୋଲିସ ଏଯାଏ ଚୋରିର ଟେର ପାଉନାହିଁ।

# ଖାଲଖମାରେ ପୂର୍ଣ୍ଣ ପୂର୍ତ୍ତ ବିଭାଗ ରାସ୍ତା

- ଘଣ୍ଟା ଘଣ୍ଟା ହେଉଛି ଟ୍ରାଫିକ୍ ଜାମ୍, ଦୈନିକ ଦୁର୍ଘଟଣା
- ତୁରନ୍ତ ରାସ୍ତା ମରାମତି ଦାବି

ଯାଜପୁରରୋଡ୍,୨୦।୮(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରରେ ପୂର୍ତ୍ତ ବିଭାଗ ରାସ୍ତାଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷକରି ସହରର ମୁଖ୍ୟ ପ୍ରବେଶପଥ ଚୋରଦା ଛକଠାରୁ ଚୋରଦା ବାଇପାସ ଓ ନହକା ଗୋଲେଇ ଛକ ପର୍ଯ୍ୟନ୍ତ ୨ ଥାକିଆ ରାସ୍ତାର ବହୁ ସ୍ଥାନରେ ବଡ଼ ବଡ଼ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ଜନସାଧାରଣ ଯତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ସହରର ପ୍ରବେଶ ପଥ ହୋଇଥିବାରୁ ଦୈନିକ ସହ ସହ ଗାଡ଼ିମୋଟର ଯାତାୟାତ କରୁଛି। ଏହାସହ ସ୍କୁଲ, କଲେଜ, କୋର୍ଟ, ମେଡିକାଲ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯିବାଆସିବା କରୁଥିବା ଛାତ୍ରୀଛାତ୍ର, ଜନସାଧାରଣ ଦୈନିକ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେବା ସହ କାର୍ଯ୍ୟକ୍ଷେତ୍ରରେ ପହଞ୍ଚିବାରେ ବିଳମ୍ବ ଘଟୁଛି। ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀକାଳୀନ ଗାଡ଼ିଗୁଡ଼ିକ ଏହି



ଖାଲଖମାରେ ପୂର୍ଣ୍ଣ ପୂର୍ତ୍ତ ବିଭାଗ ରାସ୍ତା, ଘଣ୍ଟା ଘଣ୍ଟା ଧରି ଗାଡ଼ି ଜାମ୍।

ରାସ୍ତାରେ ଘଣ୍ଟାଘଣ୍ଟା ଧରି ଫସି ରହୁଛନ୍ତି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ଖାଲଗୁଡ଼ିକରେ ବର୍ଷା ଜଳ ସହ ଡ୍ରେନ ପାଣି ଭର୍ତ୍ତି ହୋଇ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବହୁ ସମୟରେ ବାଇକ ଆରୋହୀ ଉକ୍ତ ଖାଲରେ ପଡ଼ି ଗୁରୁତର ହେଉଛନ୍ତି। ବିଶେଷ କରି ସକାଳ ଓ ସନ୍ଧ୍ୟାରେ ଘଣ୍ଟାଘଣ୍ଟା ଧରି ଟ୍ରାଫିକ ଜାମ ରହୁଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଯାଜପୁରରୋଡ୍ ପୋଲିସକୁ ନାକେଦମ ହେବାକୁ ପଡୁଛି। ସହରବାସୀ ବାରମ୍ବାର ଏନେଇ ପୌର ପରିଷଦ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି।

ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସମସ୍ୟା ସମ୍ପର୍କରେ ଅଭିଯୋଗ କଲେ ସେ ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ କହି ନିଜର ଦୋଷ ଛଡ଼ାଇ ବସି ରହୁଛନ୍ତି। ଅଭିଯୋଗ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ଖାଲଗୁଡ଼ିକରେ ନାମକୁ ମାତ୍ର କ୍ରଶର ଗୁଣ୍ଡ ବା (ଡବ୍ଲ୍ୟୁଏମଏମ) ପକାଯାଉଛି। ମାତ୍ର ବର୍ଷା ଛାଡ଼ିଗଲା ପରେ ଗାଡ଼ିମୋଟର ଚଳାଚଳରେ ଏହି କ୍ରଶର ଗୁଣ୍ଡ ଉଡି ପରିବେଶକୁ ପ୍ରଦୂଷିତ କରୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପାଣିକୋଇଲି ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ତାପସ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ଚୋରଦା ଛକଠାରୁ ବାଇପାସ ପର୍ଯ୍ୟନ୍ତ ରାସ୍ତାର ଟେଣ୍ଡର ହୋଇସାରିଛି। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ରାସ୍ତା କାର୍ଯ୍ୟ କରିବା ସମ୍ଭବପର ନୁହେଁ। ବର୍ଷା ପରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ସେ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି କରାଯିବ। ଅନ୍ୟପକ୍ଷରେ ଏହି ରାସ୍ତା କାର୍ଯ୍ୟ ଶୀଘ୍ର ଆରମ୍ଭ କରା ନ ଗଲେ ଜନଆନ୍ଦୋଳନ ହେବ ବୋଲି ଯାଜପୁରରୋଡ୍ ସିଭିଲ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଶିବିରରେ ଜଣେ ମହିଳା ଅଭିଯୋଗ ଜଣାଉଛନ୍ତି।

ବରୀ,୨୦।୮(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ମିଳିତ ଜନଅଭିଯୋଗଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ବରୀ ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି, ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ସୁରେନ୍ଦ୍ର ସାହୁ, ଜିପିଓ ଲକ୍ଷ୍ମୀକାନ୍ତ ମହାରଣା, କୃଷି ଅଧିକାରୀ ସୀତାକାନ୍ତ ରାଉତ, ପ୍ରାଣୀ ଚିକିତ୍ସକ ଦିବ୍ୟ ଦର୍ଶିନୀ, ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା ଓ ପାନୀୟ ଜଳ ପ୍ରକଳ୍ପ ବିଭାଗ କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଛନ୍ତି। ଶିବିରରେ ମୋଟ୍ ୨୯୫ ଜନ ଅଭିଯୋଗ ହୋଇଥିଲା। ସେଗୁଡ଼ିକ ମଧ୍ୟରୁ ଯୋଗାଣ ବିଭାଗର ୨୮, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୧୭, ଶୌଚାଳୟ ୧୯, ପାନୀୟ ଜଳ ପାଇଁ ୧, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଗୃହ ନିମନ୍ତେ ୨୨୮ ଓ କୃଷି ଭିତ୍ତିକ କାର୍ଯ୍ୟ ପାଇଁ ୨ଜଣ ଅଭିଯୋଗ କରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଅଭିଯୋଗର ତ୍ୱରିତ ସମାଧାନ ଶିବିରର ଆଭିମୁଖ୍ୟ



ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ବିଞ୍ଝାରପୁର ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ବିଞ୍ଝାରପୁର,୨୦।୮(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡି ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ଶିବିରରେ ଅଧକ୍ଷତା କରି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ନ୍ୟାୟିକ ବ୍ୟବସ୍ଥାରେ ଲୋକଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ଏବଂ ସେମାନଙ୍କ ସମସ୍ୟା କିମ୍ବା ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ କରି ପରିଚାଳନାରେ ସ୍ଥିରତା, ସ୍ୱଚ୍ଛତା ଆଣିବା ଏହି ଶିବିରର ଆଭିମୁଖ୍ୟ ବୋଲି ସେ କହିଥିଲେ। ଏଥିସହ ପ୍ରଶାସନ ଜନସାଧାରଣଙ୍କ ଅଭିଯୋଗ ସମାଧାନ କରି ଜିଲାରେ ଏକ ପ୍ରଭାବଶାଳୀ ଅଭିଯୋଗ ସମାଧାନ ପ୍ରଣାଳୀ ପ୍ରତିଷ୍ଠା କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ଘରୋଇ ବସ୍ ଯାତ୍ରୀମାନଙ୍କଠାରୁ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନେଉଥିବା ସତ୍ୟ ଶେଖର ନାୟକ ନାମକ ବ୍ୟକ୍ତି ଅଭିଯୋଗ କରିଥିଲେ। ସେହିପରି ଘଣ୍ଟିଆଳି ପଞ୍ଚାୟତର ଶ୍ରୀକାନ୍ତ ପ୍ରଧାନ ମଧ୍ୟ ନିଜ ଅଭିଯୋଗରେ ଦର୍ଶାଇଛନ୍ତି, ମଇନ୍ଦା ଛକ ନିକଟରେ ଥିବା ପ୍ରାଣୀଧନ ଚିକିତ୍ସାଳୟ ଉପରେ ୧୫ଟି ଗ୍ରାମର ଲୋକେ ନିର୍ଭର କରନ୍ତି। କିନ୍ତୁ ଏହା ମରାମତି ଅଭାବରୁ ଗୋରୁ ସେବା ପାଇବାରେ ବାଧାପ୍ରାପ୍ତ ହେଉଛି। ସେହିପରି ଡିଜେ ସାଉଣ୍ଡ ବନ୍ଦ କରିବା ପାଇଁ ଦାବିପତ୍ର ଦିଆଯାଇଛି। ଡିଜେ ସାଉଣ୍ଡ ପ୍ରଭାବରେ ଶିଶୁ, ହୃଦ୍‌ଘାତ ରୋଗୀ ହଇରାଣ ହେଉଛନ୍ତି। ଏପରି କି ଜିଲାରେ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ଏଥିପ୍ରତି ଦୃଷ୍ଟି ଦେଇ ଜିଲାରେ ଡିଜେ ବନ୍ଦ କରିବାକୁ ସାମୂହିକ ଦାବି ହୋଇଥିଲା। ସେହିପରି ଆବାସ ଯୋଜନା, ଚିକିତ୍ସା ସହାୟତା, ଜଳ ଯୋଗାଣ ସମ୍ବନ୍ଧୀୟ ମୋଟ୍ ୭୬ ଅଭିଯୋଗ ପଞ୍ଜୀକୃତ ହୋଇଛି। ତତ୍କାଳ ୨୪ ଅଭିଯୋଗ ସମାଧାନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିମଧ୍ୟରୁ ୪୩ ବ୍ୟକ୍ତିଗତ, ୯ ସାମୂହିକ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୨ ଓ ରେଡ୍‌କ୍ରସରୁ ସହାୟତା ପାଇଁ ୧୨ ଆବେଦନପତ୍ର ଦାଖଲ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ମହାନ୍ତି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ବିଡିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଲିକ ପ୍ରମୁଖ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସୁନା ବ୍ୟବସାୟୀଙ୍କୁ ରଡ୍‌ରେ ଆକ୍ରମଣ

### ଲୁଟିନେଲେ ସୁନାଗହଣା

କଟକ,୨୦।୮(କାର୍ତ୍ତିକ ସାହୁ): ପୁରୀଘାଟ ଥାନା ଗଣେଶ ଘାଟ ନିକଟରେ ଜଣେ ସୁନା ବ୍ୟବସାୟୀଙ୍କୁ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ସୁନା ବ୍ୟବସାୟୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଦେବା ପରେ ତାଙ୍କଠାରୁ ସୁନାଗହଣା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ବ୍ୟବସାୟୀ ଜଣକ ଏବେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ଆହତ ବ୍ୟବସାୟୀଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର ଯାଜପୁର ଅଞ୍ଚଳର ବୋଲି କୁହାଯାଉଛି। ପୁରୀଘାଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲା ସଂକ୍ରାନ୍ତରେ ତନାଘନା ଆରମ୍ଭ କରିଛି। ମାତ୍ର ଏନେଇ ଥାନାରେ କେହି ଏତଲା ଦେଇ ନ ଥିବାବେଳେ କୌଣସି ମାମଲା ବି ରୁଜୁ ହୋଇ ନ ଥିବା ପୁରୀଘାଟ ଥାନା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି। ସୂଚନା ଅନୁସାରେ, ବ୍ୟବସାୟୀ ଜଣକ ରାତି ପ୍ରାୟ ୮ଟାରେ କାଠଯୋଡ଼ି ରିଂ ବନ୍ଧ ରାସ୍ତାରେ ସୁନା ଅଳଙ୍କାର ନେଇ ଫେରୁଥିବା ବେଳେ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ଫେରାର ହୋଇଯାଇଛନ୍ତି। ତାଙ୍କଠାରୁ ନଗଦ ଅର୍ଥ ସହ ସୁନା ଗହଣା ଲୁଟିନେଇଥିବା ଅନୁମାନ କରାଯାଉଛି। ବ୍ୟବସାୟୀଙ୍କର ଏକ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଛି। ପ୍ରକୃତପକ୍ଷେ କେତେ ପରିମାଣର ସୁନା ଲୁଟ୍ ହୋଇଛି ଏବଂ ବ୍ୟବସାୟୀଙ୍କ ପରିଚୟ ସଂକ୍ରାନ୍ତରେ କୌଣସି ତଥ୍ୟ ମିଳିପାରି ନାହିଁ।

# ପହଁଗା ପଞ୍ଚାୟତରେ ୧୩୬ ଅଭିଯୋଗ ପଞ୍ଜୀକୃତ



ଜନଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ରସୁଲପୁର,୨୦।୮(ରଂଜିତ ରାଉତ): ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡି ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜନ କରିବା ସହ ପଞ୍ଚାୟତସ୍ତରରେ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରସୁଲପୁର ବ୍ଲକର ପହଁଗା ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଶିବିରରେ ବିଡିଓ ଅବନିକାନ୍ତ ସାହୁ, ତହସିଲଦାର ନିରଞ୍ଜନ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗକୁ ମୋଟ ୧୩୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଗ୍ରାମୀଣ ଆବାସ ଉପରେ ସର୍ବାଧିକ ୫୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହାଛଡ଼ା ରାଶନକାର୍ଡ ପାଇଁ ୨୬, ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ୧୩, ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ୧୫, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨, ଜମିଜମା ସଂକ୍ରାନ୍ତୀୟ ୫, ପ୍ରାଣୀ ଚିକିତ୍ସା ଓ ଶିକ୍ଷା ବିଭାଗକୁ ଗୋଟିଏ ଲେଖାଏ ଅଭିଯୋଗ ଆସିଥିଲା। ଅନ୍ୟାନ୍ୟରେ ୨୦ ଅଭିଯୋଗ ହୋଇଥିବାବେଳେ ରାଶନକାର୍ଡ ଉପରେ ଆସିଥିବା ଅଭିଯୋଗ ମଧ୍ୟରୁ ୨ଟିର ତତ୍କାଳ ସମାଧାନ କରାଯାଇଥିଲା। ଏଠାରେ ହୋଇଥିବା ଅଭିଯୋଗଗୁଡ଼ିକ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ ଶିବିରରେ ୧୩୬ ଅଭିଯୋଗ ପଞ୍ଜୀକୃତ ହେବା ପ୍ରଶାସନ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚିବାରୁ ସମ୍ଭବପର ହୋଇପାରିଛି ବୋଲି ଶିବିରାର୍ଥୀ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ନୂଆ ଜିଲାପାଳଙ୍କ ଏଭଳି ପଦକ୍ଷେପ ଯୋଗୁ ସାଧାରଣ ଲୋକଙ୍କୁ ପ୍ରଶାସନ ନିକଟରେ ଅଭିଯୋଗ କରିବାକୁ ସୁଯୋଗ ମିଳିପାରିଛି ବୋଲି ସ୍ଥାନୀୟ ସରପଞ୍ଚ ଲୋପାମୁଦ୍ରା ଘଡ଼େଇ ମତ ଦେଇଛନ୍ତି। ଶିବିରକୁ ଯୁବନେତା ବିଜୟ କୁମାର ଘଡେଇ ପରିଚାଳାନ କରିଥିଲେ।

# ଜାରକା ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି

ଧର୍ମଶାଳା/କାଏମା,୨୦।୮ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ଶୁଭଙ୍କର ମହାନ୍ତି, ଥାନା ଅଧିକାରୀ ତପନ କୁମାର ନାୟକ, ବିଇଓ ଅଭିଜିତ ବାରିକ, ସିଡିପିଓ ପୂର୍ଣ୍ଣିମା ବୋଇତାଇ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଜନସାଧାରଣଙ୍କଠାରୁ ୬୧ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ୧୨ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ବିଭିନ୍ନ ଅଭିଯୋଗ ମଧ୍ୟରୁ ଦକ୍ଷିଣଶାସନ ଗ୍ରାମର ଦେବକୀ ଦାସ ଆବାସ ପାଇଁ ଯୋଗ୍ୟ ଥିବାବେଳେ ତାଙ୍କୁ ଆବାସ ତାଲିକାରେ ଅନ୍ତର୍ଭୁକ୍ତ କରା ଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ଘଟଣାକୁ ସ୍ଥାନୀୟ ସରପଞ୍ଚ ସୁଦାମ ଚରଣ ବେହେରା ଖଣ୍ଡନ କରିବା ସହ ଅନେକ ଲୋକଙ୍କ କାଗଜପତ୍ର ତ୍ରୁଟି ଯୋଗୁ ଆବାସରୁ ବଞ୍ଚିତ ହୋଇଥିବା ସେ ମତ ରଖିଛନ୍ତି। ଅନ୍ୟପକ୍ଷରେ ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇନାହାନ୍ତି। ଫଳରେ ଏହାକୁ ନେଇ ନନା ଚର୍ଚ୍ଚା ହେଉଛି। ନିର୍ବାଚନ ପରଠାରୁ ଆୟୋଜିତ ବିଭିନ୍ନ ସଭାରେ ସେ ଅନୁପସ୍ଥିତ ରହିବା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ବଳବନ୍ତରାୟଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେବେ ଅଭିଯୋଗ ଶୁଣାଣି ଶିବିର ପାଇଁ ତାଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।




ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଚଣ୍ଡିଖୋଲ ଛକରୁ ଅସ୍ଥାୟୀ ଦୋକାନ ଉଠିଲା

ଚଣ୍ଡିଖୋଲ/ବଡ଼ଚଣା,୨୦।୮(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି): ଯାଜପୁର ଜିଲାର ପ୍ରମୁଖ ଛକ ହେଉଛି ଚଣ୍ଡିଖୋଲ। ଏଠାରେ ୨ ଜାତୀୟ ରାଜପଥ ୧୬ ଓ ୫୩ନଂର ମିଶ୍ରଣ ହୋଇଛି। ଏହି ଜାତୀୟ ରାଜପଥ ମଧ୍ୟରୁ ଚଣ୍ଡିଖୋଲ-ପାରାଦୀପ ୧୬ନଂକୁ ୮ ଲେନ ବିଶିଷ୍ଟ କରାଯାଉଛି। ସେହିପରି ଚଣ୍ଡିଖୋଲ-ଡୁବୁରୀ ୫୩ନଂ. ଜାତୀୟ ରାଜପଥକୁ ୬ଲେନ ବିଶିଷ୍ଟ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଘୋଷଣା ସରିଛି। ତେଣୁ ଚଣ୍ଡିଖୋଲ ଛକର ରାସ୍ତାପାର୍ଶ୍ୱରେ ଥିବା ଅସ୍ଥାୟୀ ବ୍ୟବସାୟୀମାନେ ମଙ୍ଗଳବାର ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଭାଙ୍ଗି ସ୍ଥାନ ଖାଲି କରିଛନ୍ତି। ଚଣ୍ଡିଖୋଲ ଛକକୁ ପ୍ରଶସ୍ତୀକରଣ କରାଯିବ। ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ ଆରଟିଓ, ସ୍ଥାନୀୟ ପୋଲିସ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନକୁ ଡାକି ଆଲୋଚନା କରିଥିଲେ। ଆଲୋଚନା ପରେ ଦର୍ପଣ ତହସିଲଦାରଙ୍କୁ ଅସ୍ଥାୟୀ ବ୍ୟବସାୟୀମାନଙ୍କୁ ଉଠିଯବା



ଚଣ୍ଡିଖୋଲ ଛକରେ ଥିବା ଅସ୍ଥାୟୀ ଦୋକାନ ଭଙ୍ଗାଯାଉଛି।

ପାଇଁ ନୋଟିସ କରିବାକୁ କୁହାଯାଇଥିଲା। ସେହି ଆଧାରରେ ତହସିଲଦାର ମାନସ କୁମାର ତ୍ରିପାଠୀ ନୋଟିସ ଜାରି କରିଥିଲେ। ତେବେ ସମୟ ସୀମା ପୂର୍ବରୁ ଉଠା ଦୋକାନୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବା ଆରମ୍ଭ କରିଛନ୍ତି।

ଅପରପକ୍ଷରେ ଅସ୍ଥାୟୀ ବ୍ୟବସାୟୀ ସଂଘ ସଭାପତି ମହେଶ୍ୱର ବଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ଉପସଭାପତି ପ୍ରକାଶ ରାଉତ, ସହସମ୍ପାଦକ ପ୍ରସନ୍ନ ସାହୁ, ଉପଦେଷ୍ଟା ରମେଶ ନାୟକ ଓ ନବ କିଶୋର ସାହୁଙ୍କ ନେତୃତ୍ୱରେ ବଜାରର ଶତାଧିକ ଉଠାଦୋକାନୀ ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ବଜାରର ଉନ୍ନୟନମୂଳକ କାର୍ଯ୍ୟକୁ ସମର୍ଥନ କରାଯିବା ସହିତ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଚଣ୍ଡିଖୋଲ ବଣିକ ସଂଘ ସଭାପତି କ୍ଷୀରୋଦ ମହଲା, ପୂର୍ବତନ ନାଏବ ସରପଞ୍ଚ ମସିର ଆଲାମ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ତହସିଲଦାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଉଠାଦୋକାନୀ ଜାତୀୟ ରାଜପଥ ଅବରୋଧ କରି ବ୍ୟବସାୟ କରୁଥିଲେ। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସେମାନଙ୍କୁ ନୋଟିସ ଦିଆଯାଇଥିଲା। ନୋଟିସ ପାଇବା ପରେ ସେମାନେ ଆପେ ଆପେ ଉଠି ଯାଉଛନ୍ତି।

# ମଦ ଦୋକାନ ବନ୍ଦ, ଭତ୍ତା କେଳେଙ୍କାରୀ ନେଇ ଅଭିଯୋଗ

ଆଳି, ୨୦।୮ (ବନମାଳୀ ସେନାପତି)

- ମିଳିତ ଜନଶୁଣାଣି ଶିବିରରେ ୧୧୬ ଅଭିଯୋଗ
- ସ୍କୁଲ ନିକଟରେ ଠିପିଖୋଲା ବିଦେଶୀ ମଦ ଦୋକାନ
- ଜୁଆଣିଆରୁ ଆରମ୍ଭ ହେଲା ଆନ୍ଦୋଳନ


ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସଭାଗୃହ ପରିସରରେ ମଙ୍ଗଳବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ଶିବିରରେ ୧୧୬ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୧୨ଟି ସାମୂହିକ ଥିବାବେଳେ ୧୦୪ଟି ବ୍ୟକ୍ତିଗତ ଅଭିଯୋଗ ରହିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ, ଭତ୍ତା, ଆବାସ ଭଳି ଅନେକ ଅଭିଯୋଗ ଆସିଛି। ସାମୂହିକ ଅଭିଯୋଗ ମଧ୍ୟରେ ଅରଗଳ ପଞ୍ଚାୟତରେ ଭତ୍ତା କେଳେଙ୍କାରି ଭଳି ସଙ୍ଗିନ ଅଭିଯୋଗ ଆସିଛି। ଅରଗଳ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଲୋକ ସାଧାରଣ ନିର୍ବାଚନ ପୂର୍ବରୁ ସେମାନଙ୍କ ବୟସରେ ଜାଲିଆତି କରି ୬୦ ବର୍ଷରୁ ଅଧିକ ଦର୍ଶାଇ ଭତ୍ତା ଉଠାଇ ନେଇଛନ୍ତି। ଏପରିକି ୩୦ରୁ ୪୦ ବର୍ଷର ବ୍ୟକ୍ତିମାନେ ୬୦ ବର୍ଷ କରି ଭତ୍ତା ନେଇଥିବା ଘଟଣା ସାମ୍ନାକୁ ଆସିଛି। ଏହି ଅଭିଯୋଗ ନେଇ ପଞ୍ଚାୟତର କେତେଜଣ ବ୍ୟକ୍ତି ଆସି ଜନଶୁଣାଣିରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବାବେଳେ ସେମାନଙ୍କୁ ବ୍ଲକ କର୍ତ୍ତୃପକ୍ଷ ସମାଧାନ କରିବାକୁ କହି ଫେରାଇ ଦେଇଥିଲେ। ସେହିପରି ଦିନିଆରୀ ଗାଁକୁ ନଦୀ ଗ୍ରାସରୁ ବଞ୍ଚାଇବା ନିମନ୍ତେ ଗ୍ରାମର ଧରିତ୍ରୀ ବେହୁରା ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ଜିଲାପାଳ ପ୍ରଧାନ ରେଡ୍‌କ୍ରସ୍ ପାଣ୍ଠିରୁ ବାଳକାଟୀ ଗ୍ରାମର ବିଶ୍ୱମ୍ଭର ସାହୁଙ୍କ ସମେତ ୪ ଜଣଙ୍କୁ ଚିକିତ୍ସା ନିମନ୍ତେ ସହାୟତା ରାଶି ପ୍ରଦାନ କରିଥିଲେ।

ସାମୂହିକ ଅଭିଯୋଗ ମଧ୍ୟରେ ବ୍ଲକର ଜୁଆଣିଆଠାରେ ଥିବା ଠିପିଖୋଲା ବିଦେଶୀ ମଦ ଦୋକାନ ବନ୍ଦ ଦାବିକରି ମଙ୍ଗଳବାର ଆଳି ବ୍ଲକ ସଭାଗୃହରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଞ୍ଚଳର ଶତାଧିକ ଲୋକ ଅଭିଯୋଗ କରିଛନ୍ତି। ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକଙ୍କ ସହ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଆଳି ଧୋଆଞ୍ଚଳର ମୁଖ୍ୟ ଗମନାଗମନ ପଥ ମାନପୁର-ଗୋବିନ୍ଦପୁର ରାସ୍ତାର ଜୁଆଣିଆଠାରେ ଜିଲା ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ସଲାସୁତରାରେ ବେଆଇନ ଭାବେ ଠିପିଖୋଲା ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହା ବିରୋଧରେ ସାଧାରଣ ଲୋକ ଅଭିଯୋଗ କରିଆସୁଥିଲେ ମଧ୍ୟ ଅବକାରୀ ଆଇନକୁ ଆଖିଠାର ମାରି ପ୍ରତିବର୍ଷ ନବୀକରଣ କରାଯାଉଛି। ଏହି ମଦ ଦୋକାନଟି ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟ, ଆୟୁର୍ବେଦିକ ଚିକିତ୍ସାଳୟ ଓ ଜୁଆଣିଆ ବାଳିକା ହାଇସ୍କୁଲ ନିକଟରେ ଖୋଲାଯାଇଛି। ପ୍ରତିଦିନ ଏହି ମଦ ଦୋକାନ ଅତିକ୍ରମ କରି ସାଧାରଣ ଲୋକେ ଯାତାୟାତ କରିଥାନ୍ତି। ଜୁଆଣିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନେ ମଦ ଦୋକାନ ଅତିକ୍ରମ କରି ଯିବାବେଳେ ମଦ୍ୟପ ଯୁବକମାନେ ଅଶ୍ଳୀଳ ଇଙ୍ଗିତ କରିବା ସହ ଟଣାଓଟରା କରୁଥିବା ମଧ୍ୟ ନଜିର ରହିଛି। ଫଳରେ ଛାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ଭୟଭୀତ ଅବସ୍ଥାରେ ସ୍କୁଲକୁ ଯିବାଆସିବା କରୁଛନ୍ତି। ଏପରିକି ଏହି ରାସ୍ତାରେ ଗୋବିନ୍ଦପୁର ଗୋଦାବରୀଶ ବିଦ୍ୟାପୀଠକୁ ଯାଉଥିବା ଛାତ୍ରୀମାନେ ମଧ୍ୟ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ମଦ୍ୟପମାନେ ରାଜରାସ୍ତାରେ ମଦ୍ୟପାନ କରି ଚାଷଜମିକୁ ବୋତଲ ଭାଙ୍ଗି ପକାଉଥିବାରୁ ଚାଷୀମାନେ ମଧ୍ୟ ଚାଷ କରିବାକୁ ହଇରାଣ ହେଉଛନ୍ତି। ପଞ୍ଚାୟତବାସୀ ମଦ ଦୋକାନ ବନ୍ଦ କରିବା ଲାଗି ଗ୍ରାମସଭା ସହ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଦାବିପତ୍ର ପ୍ରଶାସନିକ ଅଧିକାରୀଙ୍କୁ ଦେଇଥିଲେ। ହେଲେ ଆଜିପର୍ଯ୍ୟନ୍ତ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅବକାରୀ ବିଭାଗ ଅଧିକାରୀଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି, ଏଭଳି ସ୍ଥାନରେ କିଭଳି ମଦ ଦୋକାନ ଖୋଲିବାକୁ ଅବକାରୀ ବିଭାଗ ଅନୁମତି ଦେଲା ତାହା ସନ୍ଦେହଘେରରେ ରହିଛି। ତୁରନ୍ତ ଜିଲାପାଳ ଏହି ମଦ ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲାପାଳ ପ୍ରଧାନ ଏ ନେଇ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଜୁଆଣିଆ ଠିପିଖୋଲା ବିଦେଶୀ ମଦ ଦୋକାନ ଉପରେ କେବେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବନ୍ଦ କରାଯାଉଛି ତାହା ଦେଖିବାକୁ ବାକି ରହିଲା। ପଞ୍ଚାୟତ ପକ୍ଷରୁ ଏହି ଅଭିଯୋଗପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଅବକାରୀ ସଚିବଙ୍କ ନିକଟକୁ ପଠାଯାଇଛି। ଏହି ଶୁଣାଣିରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ଆଳି ବିଡିଓ ମିନତି ଜଗଦ୍ଦେବ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ


ପଟ୍ଟାମୁଣ୍ଡାଇରେ କଂଗ୍ରେସ ନେତା ଓ କର୍ମୀମାନେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳୁଛନ୍ତି।

ପଟ୍ଟାମୁଣ୍ଡାଇ, ୨୦।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଂଗ୍ରେସ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲା ଓବିସି ସେଲ୍ ପୂର୍ବତନ ସଭାପତି ମଳୟ ଦାସ, ଜିଲା ଦଳିତ ସେଲ୍ ପୂର୍ବତନ ସଭାପତି ସର୍ବେଶ୍ୱର ସେଠୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାତ ସେଠୀ, ତପନ ପାତ୍ର, ଦିଲୀପ ସେଠୀ, ଅମୂଲ୍ୟ ମଳିକ, ରଞ୍ଜନ ଦାସ, ଶୁଭାଶିଷ ବାରିକ, ନକୁଳ ଦାଶ, ରଞ୍ଜିତ ଜେନା ଓ ଶିକାରୀ ଜେନା ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ। ସେମାନେ ରାଜୀବ ଗାନ୍ଧୀଙ୍କ ନୂତନ ଭାରତ ଗଠନରେ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଏଆର୍‌ସିଏସ୍‌ଙ୍କୁ ଭେଟିଲେ ଚାଷୀ

ରାଜକନିକା, ୨୦।୮ (ସଞ୍ଜୟ କୁମାର ଦାଶ)

**ସମବାୟ ଅର୍ଥ ହରିଲୁଟ୍ ଘଟଣା**



ଏଆରସିଏସ୍, ଡିଆର୍‌ସିଏସ୍‌ଙ୍କୁ ଲୋକେ ଅଭିଯୋଗ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକରେ ଥିବା କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ଲିଃ ଶାଖା ଅଧୀନରେ ୧୬ଟି ପ୍ରାଥମିକ କୃଷି ସମବାୟ ସମିତି ଲିଃ (ପାକ୍ସ) ଅବସ୍ଥାପିତ। ସମସ୍ତ ସମବାୟ ସମିତିରେ ଚାଷୀଙ୍କ ଟଙ୍କା ହେର୍‌ଫେର ହେଉଥିବା ନେଇ ଅନେକ ଚାଷୀ ଅଭିଯୋଗ କରୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେହିପରି ବରୁଣା ସମବାୟ ସମିତିରେ ମାତ୍ରାଧିକ ଟଙ୍କା ହେରଫେର ନେଇ ୧୦ଜଣ ଚାଷୀ ନିକଟରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଚାପରେ ପଡ଼ି ପୋଲିସ ଏକ ସପ୍ତାହ ପରେ ନଂ.୩୨୪/୨୪ରେ ଏକ ମାମଲା ରୁଜୁକରି ଚୁପ୍ ବସିବା ଚାଷୀଙ୍କୁ ବ୍ୟଥିତ କରିଛି। ପାଖାପାଖି ଏକମାସ ହେବ ସମ୍ପୃକ୍ତ ସମ୍ପାଦକ ଓ ଶାଖା ପରିଚାଳକଙ୍କ ନାମରେ ଚାଷୀମାନେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ଏଆର୍‌ସିଏସ୍ ଯୋଗେନ୍ଦ୍ର ବିଶ୍ୱାଳ ଓ ଡିଆର୍‌ସିଏସ୍ ସନ୍ତୋଷ ଦାସ ସମ୍ପୃକ୍ତ ସମ୍ପାଦକଙ୍କ ଘରକୁ ଭୋଜି ଖାଇବା ପାଇଁ ଆସିଥିଲେ। ଖବରପାଇ ଚାଷୀ ଏଆର୍‌ସିଏସ୍ ବିଶ୍ୱାଳଙ୍କୁ ଭେଟି ଗୁହାରି କରିଥିଲେ କି, ବରୁଣା ସମବାୟ ସମିତିର ସମ୍ପାଦକ ଆମ ଅଜାଣତରେ ଟଙ୍କା ଉଠାଇ ନେଇଛନ୍ତି। ପାସ୍ ବହି ଆମକୁ ଦେଉନାହାନ୍ତି। ଚେକ୍‌ରେ ଦସ୍ତଖତ କରାଇ ନେଇଛନ୍ତି। କାହିଁକି ବିଭାଗୀୟ ତଦନ୍ତ ହେଉନାହିଁ ବୋଲି ଚାଷୀ ସୂର୍ଯ୍ୟମଣି ସାହୁ, ଅଲେଖ ଚନ୍ଦ୍ର ସାହୁ, ଅଜାମିଳ ମଲ୍ଲିକ, ମିନତି ମଲ୍ଲିକ, ଅଭିନମ ମଲ୍ଲିକ, ଉଦେକର ମଲ୍ଲିକ, ଧରଣୀ ମଲ୍ଲିକ, ଜଳଧର ମଲ୍ଲିକ, ପୀତାମ୍ବର ମଲ୍ଲିକ, ପ୍ରିୟରଞ୍ଜନ ପରିଡା, ଅଞ୍ଜନ ସାହୁ, ଗୌତମ ରଣା, ମହେଶ୍ୱର ପରିଡା ଏବଂ ସଂଗ୍ରାମ ମଲ୍ଲିକଙ୍କ ସହିତ ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଥିଲେ। ତେବେ ଖୁବ୍‌ଶୀଘ୍ର ଚାଷୀମାନଙ୍କ ସମସ୍ୟା ସମାଧାନ ହେବା ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଆର୍‌ସିଏସ୍ ବିଶ୍ୱାଳ ଚାଷୀମାନଙ୍କୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି।

## ଧାନକଳ କର୍ମଚାରୀ ୨ ଦିନ ହେଲା ନିଖୋଜ

ଡେରାବିଶ, ୨୦।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ଦୁମୁକାହାଟସ୍ଥିତ ଏକ ଧାନକଳରେ କାର୍ଯ୍ୟରତ କର୍ମଚାରୀ ସୋମବାର ଅପରାହ୍ନରୁ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଅଭିଯୋଗ ହୋଇଛି। ନିଖୋଜ ବ୍ୟକ୍ତି ଜଣଙ୍କ ହେଲେ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର ରାଜକିଶୋର ଦାଶ(୬୨)। ଦୀର୍ଘବର୍ଷ ହେବ ରାଜକିଶୋର ସମ୍ପୃକ୍ତ ପଞ୍ଚାୟତର ଦୁମୁକାହାଟସ୍ଥିତ ଏକ କଳଘରେ କର୍ମଚାରୀ ଭାବେ ନିୟୋଜିତ ଥିଲେ। ରାଜକିଶୋର ଜଣେ ମୂକ ବ୍ୟକ୍ତି। ତାଙ୍କ ପୁଅ କିଶୋର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବାପା ରାଜକିଶୋର ସୋମବାର ଅପରାହ୍ନରେ କଳଘର ପାଇଁ ଯାଜପୁର ଜିଲାର ବାଲିଚନ୍ଦ୍ରପୁର ଥାନା ଅଞ୍ଚଳକୁ କୋଇଲା ଆଣିବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ। ଏ ସଂକ୍ରାନ୍ତରେ ଆଇଆଇସି କିଶୋର କୁମାର ତରାଇଙ୍କୁ ପଚାରିବାରେ ଥାନାରେ ରାଜକିଶୋର ନିଖୋଜ ନେଇ ନଂ.୨୭/୨୪ରେ ମାମଲା ରୁଜୁ ହୋଇଛି। ଏଥିସହ ବିଭିନ୍ନ ଥାନାକୁ ସୂଚନା ଦିଆଯାଇଛି। ଅପରପକ୍ଷରେ କଳ ମାଲିକ ପାରେଶ୍ୱର କରଙ୍କ କହିବା ଅନୁଯାୟୀ, ରାଜକିଶୋର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତ୍ରରାଜପୁରରୁ କୋଇଲା ଆଣିବାକୁ କହିଥିଲେ। ମାଲିକ କର ମନା କରିବା ପରେ ମଧ୍ୟ ରାଜକିଶୋର ସାଇକେଲ ଯୋଗେ କେଉଁଆଡ଼େ ଯାଇଥିଲେ। ମାତ୍ର ବିଳମ୍ବ ହେବାରୁ ବାଲିଚନ୍ଦ୍ରପୁର ସହ ବିଭିନ୍ନ ସମ୍ପର୍କୀୟଙ୍କ ଘରକୁ ଯାଇ ବିଳମ୍ବିତ ରାତି ଯାଏ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିବା ପାରେଶ୍ୱର କହିଛନ୍ତି।

## ଜଳ ନିଷ୍କାସନ ଦାବିରେ ଜାତୀୟ ରାଜପଥ ଅବରୋଧ


ଚାଷ ଜମିରୁ ଜଳ ନିଷ୍କାସନ ଦାବିରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରିଛନ୍ତି।

ମାର୍ଶାଘାଇ, ୨୦।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ସମ୍ପ୍ରସାରଣ ଯୋଗୁ ଚାଷ ଜମି ପାଣିରେ ବୁଡି ରହୁଛି। ଫଳରେ ଚାଷବାସ କିଛି ହୋଇପାରୁନାହିଁ। ଜଳ ନିଷ୍କାସନର ସୁବନ୍ଦୋବସ୍ତ ନ କରି ଠିକା କମ୍ପାନୀ ମନଇଚ୍ଛା କାମ କରି ଜଳ ନିଷ୍କାସନ ବାଟ ବନ୍ଦ କରୁଛି। ଏଭଳି ଅଭିଯୋଗ କରି ମଙ୍ଗଳବାର ମାର୍ଶାଘାଇ ବ୍ଲକର ହିନ୍ଦୁଳିଆ, ମଣିକୁଣ୍ଡା ଓ ମାର୍ଶାଘାଇ ପଞ୍ଚାୟତର ଶତାଧିକ ଚାଷୀ ଜାତୀୟ ରାଜପଥର ମାନସ ହୋଟେଲ ସମ୍ମୁଖରେ ଅବରୋଧ କରିଥିଲେ।

ହିନ୍ଦୁଳିଆଠାରୁ ମାର୍ଶାଘାଇ ତହସିଲ ନିକଟସ୍ଥ ପୁରୁଷୋତ୍ତମପୁର ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୩ କିମି ଜଳ ନିଷ୍କାସନ ନାଳକୁ ରାସ୍ତା କାମ ନେଇଥିବା ଠିକା କମ୍ପାନୀ ମାଟି ଓ ଫ୍ଲାଏ ଆଶ୍ ପକାଉଥିବାରୁ ଚାଷ ଜମିରେ ଆଣ୍ଠୁଏ ଲେଖା ପାଣି ରହୁଛି। ଧାନ ରୁଆ ବେଉଷଣ କାର୍ଯ୍ୟ ଆଦୌ କରି ହେଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ହେଲାନାହିଁ। ରାଜପଥ ଅବରୋଧ ଖବରପାଇ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଆଇଆଇସି ପ୍ରଜ୍ଞା ପାରମିତା ଜେନା ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଉଭୟ ଅଧିକାରୀ ଠିକା ସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଘଟଣା ସ୍ଥଳକୁ ଡାକିଥିଲେ। କମ୍ପାନୀ ପକ୍ଷରୁ ମେଶିନ ସହାୟତାରେ ବିଭିନ୍ନ ସ୍ଥାନରେ ରାସ୍ତା କଟାଯାଇ ପାଣି ନିଷ୍କାସନ କରାଯିବା ପରେ ଅବରୋଧ ହଟିଥିଲା। ନିଗମ ରଥ, ପ୍ରକାଶ ଦାସ, ରଞ୍ଜନ ସ୍ୱାଇଁ, ବାଉରୀବନ୍ଧୁ ବେହେରା, ରାଧା ସ୍ୱାଇଁ, ହେମନ୍ତ ଦାସ, ଅକ୍ଷୟ ବେହେରା, ବାବାଜୀ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅବରୋଧ ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା।

## ହାଟରୁ ମୋବାଇଲ ଚୋରିକରି ଯୁବକ ଗିରଫ

ଆଳି, ୨୦।୮ (ବନମାଳୀ ସେନାପତି)




ଆଳି ଥାନା ଅନ୍ତର୍ଗତ ନିଆଳ ହାଟରେ ଦୀର୍ଘଦିନ ହେବ ମୋବାଇଲ ଲୁଟେରାମାନେ ସକ୍ରିୟ ହୋଇ ପ୍ରତି ହାଟ ପାଳିରେ କାହାର ନା କାହାର ମୋବାଇଲ ଲୁଟ କରି ଅନାୟସରେ ଖସି ପଳାଉଥିଲେ। ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ପକେଟରୁ ମୋବାଇଲ ଲୁଟ କରୁଥିବା ବେଳେ ଜଣେ ଯୁବକ ଧରା ପଡ଼ିଛନ୍ତି। ବାଲକାଟି ଗ୍ରାମର ବନମାଳୀ ସାହୁ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ବାପା ବଟକୃଷ୍ଣ ସକାଳେ ନିଆଳ ହାଟରେ ପରିବା କିଣିବା ସମୟରେ ଜଣେ ଯୁବକ ତାଙ୍କ ପକେଟରୁ ହାତ ପୁରାଇ ମୋବାଇଲ ଲୁଟି ନେଇଥିଲେ। ସେହି ସମୟରେ ସେ ପାଟି କରିବାରୁ ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ସେହି ଯୁବକଙ୍କୁ କାବୁ କରି ନେଇଥିଲେ। ଏହାପରେ ପୋଲିସକୁ ଖବର ଦିଆ ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣି ପଚରା ଉଚୁରା କରିଥିଲା। ମୋବାଇଲ ନେଇଥିବା ଯୁବକ ହେଲେ ଭଦ୍ରକ ଜଲା ଧାମନଗର ଅଞ୍ଚଳର ଚିଣ୍ଟୁ ଦାସ ବୋଲି ଜଣାପଡିଛି। ସେ ଦଶରଥପୁର ଝୁମ୍ପୁରୀ ଅଞ୍ଚଳରେ ଥିବା ତାଙ୍କ ମାମୁ ଘରେ ରହୁଥିବା ଜଣାପଡିଛି। ଏନେଇ ପୋଲିସ ନଂ. ୫୪୭/୨୪ରେ ମାମଲା ରୁଜୁ କରି ଯୁବକଙ୍କୁ କୋର୍ଟ ଚାଲାଣ କରିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ

ରାଜନଗର, ୨୦।୮ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ସଭାପତି ଦୁଷ୍ମନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ମନରେ ଭାଇ ଭଉଣୀ ପ୍ରତି ସୁସମ୍ପର୍କ ସୃଷ୍ଟି କରିବା ସହ ରାଖୀକୁ ଶକ୍ତି, ବିଶ୍ୱାସ, ବିଜୟର ପ୍ରତୀକ ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ଶିକ୍ଷକ ପ୍ରତାପ ନାୟକ, ଭୀମସେନ ନାୟକ, ଶୁକଦେବ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଅରୁନ୍ଧତୀ ମହାନ୍ତି, ରମା ବରାଳ, ଅର୍ଚ୍ଚନା ସ୍ୱାଇଁ, ସୋନାଲି ପ୍ରଧାନ, ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ପରସ୍ପରକୁ ରାଖୀ ବାନ୍ଧି, ମିଠା ଖୁଆଇ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିଲେ।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜନ୍ମତିଥିରେ ରକ୍ତଦାନ ଶିବିର

ରାଜନଗର, ୨୦।୮ (ଭାସ୍କର ରାଉତରାୟ)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୦ତମ ଜନ୍ମତିଥିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗରସ୍ଥିତ କେସି ମଣ୍ଡପ ପରିସରରେ କଂଗ୍ରେସ ପକ୍ଷରୁ ଏହି ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରୁ ମୋଟ୍ ୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଯୁବନେତା ପ୍ରଶାନ୍ତ କୁମାର ରାଉତ, କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦାମୋଦର ବିଶ୍ୱାଳ, ବରିଷ୍ଠ ନେତା ବୈକୁଣ୍ଠ ବିହାରୀ ବିଶ୍ୱାଳ, ଯୁବନେତା ସତ୍ୟପ୍ରିୟ ସାମଲ ପ୍ରମୁଖ ଏହି ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ବିପନ୍ନ ପରିବାରକୁ ସହାୟତା


ବିପନ୍ନ ପରିବାରକୁ ମା' ପଞ୍ଚୁବରାହୀ ସେବା ସଂସ୍ଥାନ ସଦସ୍ୟମାନେ ସହାୟତା ପ୍ରଦାନ କରୁଛନ୍ତି।

ରାଜନଗର, ୨୦।୮ (ଭାସ୍କର ରାଉତରାୟ)

ସ୍ୱାଧୀନତା ଦିବସରେ ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବଳରାମପୁର ଗାଁରେ ଭୟାବହ ଅଗ୍ନିକାଣ୍ଡରେ ସୁକାନ୍ତ ସାହାଣୀଙ୍କ ଘର ପୋଡ଼ିଯିବା ସହ ଝିଅ ଅନୁପମା ଓ ପୁଅ ସତ୍ୟ ରଞ୍ଜନ ଜୀବନ୍ତ ଦଗ୍ଧ ହୋଇଥିଲେ। ମଙ୍ଗଳବାର ମା' ପଞ୍ଚୁବରାହୀ ସେବା ସଂସ୍ଥାନର ସଦସ୍ୟମାନେ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ନଗଦ ୬ ହଜାର ଟଙ୍କା, ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ଯୋଗାଇ ଦେଇଛନ୍ତି। ସଙ୍ଗଠନର କରୁଣାକର ରାଉତ ଓ ଅଧ୍ୟାପକ ଚିତ୍ତରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ସଦସ୍ୟମାନେ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ।

# ବୁଲାଗୋରୁଙ୍କ କବ୍‌ଜାରେ ପଟ୍ଟାମୁଣ୍ଡାଇ ସହର ରାସ୍ତା

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୦।୮
(ଜଗନ୍ନାଥ ଧଳ/କଳ୍ପତରୁ ନାୟକ)

- ସହରରେ ବୁଲୁଛନ୍ତି ମାଳ ମାଳ ଗୋରୁ
- ଗହଳି ଯୋଗୁ ଉପୁଜୁଛି ଟ୍ରାଫିକ୍ ସମସ୍ୟା
- ଯାତାୟାତ ବେଳେ ହେଉଛି ଦୁର୍ଘଟଣା



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ରାସ୍ତାରୁ ନେଇ ଗଳିକନ୍ଦି ସବୁଠି ସନ୍ଧ୍ୟାରେ ବୁଲା ଗୋରୁ, ଷଣ୍ଢଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ରାସ୍ତାରେ ବାଇକ୍ ଆରୋହୀ ଓ ପଥଚାରୀମାନେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ମୁଣ୍ଡ ଟେକିବା ସହିତ ଗମନାଗମନ ବେଳେ ଦୁର୍ଘଟଣା ଘଟୁଛି। ସ୍ଥାନୀୟବାସୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ପୌର ପରିଷଦରେ ଅଭିଯୋଗ ହେଉଥିଲେ ବି କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସାମାଜିକ କର୍ମୀ ସୁଶୀଳ ପରିଡ଼ା କହିଛନ୍ତି, ସହରର ବିଭିନ୍ନ ଛକ ଏବେ ବୁଲାଗୋରୁଙ୍କ କବ୍‌ଜାରେ। ଏହି ସ୍ଥାନଗୁଡିକରେ ମାଳମାଳ ବୁଲା ଗୋରୁଙ୍କ ଅବାଧ ଚଳପ୍ରଚଳ ଯୋଗୁ ଗାଡ଼ି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ସହରର ପ୍ରବେଶପଥ ଚୂନଡିଅ ନିକଟରୁ ବଜାରର ବିଜୁ ପଟ୍ଟନାୟକ ଛକ, ନୀଳମାଧବ ବଜାର, ହାଟଛକ, ଡାକବଙ୍ଗଳା ଛକ, ଏମ୍‌ଏନ୍ ହାଇସ୍କୁଲ ଛକ, ଡେଲ୍‌ଟା ନୂଆବଜାରରୁ ବକ୍ସାରପୁର ପର୍ଯ୍ୟନ୍ତ। ଏପଟେ ବାଇପାସଠାରୁ କଷଣଅଣ୍ଡା ଯାଏ। ଅନ୍ୟପକ୍ଷେ ଅଳଭା ପର୍ଯ୍ୟନ୍ତ ଏବେ ମାଳମାଳ ବୁଲା ଗୋରୁଙ୍କ ଯୋଗୁ ରାସ୍ତା ଜାମ୍ ହେଉଛି। ବୁଲା ଗୋରୁ ବିଲରୁ ଚରିବୁଲି ସିଧାସଳଖ ରାସ୍ତାକୁ ଚାଲି ଆସୁଛନ୍ତି। ଏପରି କି ଚାରିଚକିଆ ଯାନବାହନ ଅନେକ ସମୟ ଧରି ରାସ୍ତାରେ ଅଟକି ରହୁଛି। ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇର ଏହି ରାସ୍ତାଟି ଜାତୀୟ ଉଦ୍ୟାନ ଭିତରକନିକାକୁ ମୁଖ୍ୟ ପଥ ହୋଇଥିବାରୁ ସବୁ ସମୟରେ ଚଳଚଞ୍ଚଳ ରହିଥାଏ। ଏହି ରାସ୍ତାରେ ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରିଥାଏ। ଦୁଇ ଚକିଆଠାରୁ ଆରମ୍ଭ କରି ଭାରିଯାନ ଦୈନିକ ଏହି ରାସ୍ତାରେ ଯାଏ। ବିଭିନ୍ନ ଛକରେ ବୁଲା ଗୋରୁଙ୍କ ଅବାଧ ଚଳପ୍ରଚଳ ଗାଡ଼ି ଚାଳକଙ୍କ ପାଇଁ କାଳ ସାଜିଛି। କେତେବେଳେ ଗାଡି ଦୁର୍ଘଟଣାରେ ଗୋରୁ ଆହତ ହେଉଛନ୍ତି ତ ଅନ୍ୟସମୟରେ ଚାଳକ ଆହତ ହେଉଥିବା ଦେଖିବାକୁ ମିଳୁଛି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ପ୍ରତ୍ୟେକ ପୌର ଅଧିବେଶନ ପରେ ବିଭିନ୍ନ ୱାର୍ଡରେ ଇତସ୍ତତ ଭାବେ ବିଚରଣ କରୁଥିବା ବୁଲା ଗୋରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଏ। ପରେ ଡାକବାଜି ଯନ୍ତ୍ରରେ ପ୍ରଚାର ମଧ୍ୟ କରାଯାଏ। ହେଲେ ୨ରୁ ୩ ଦିନ ପରେ ରାସ୍ତାରେ ଗୋରୁ, ଛେଳି, ମେଣ୍ଢା ଶୋଇ ରହୁଛନ୍ତି। ହେଲେ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବୁଦ୍ଧିଜୀବୀ ଅନନ୍ତ ଦାଶ କହିଛନ୍ତି, ଗୋରୁ ମାଲିକମାନେ ମଧ୍ୟ ସଚେତନ ହେଉନାହାନ୍ତି। ପୂର୍ବରୁ ଯେଉଁମାନେ ଗୋପାଳନ କରୁଥିଲେ ସେହିମାନେ ନିଜର ଗୁହାଳ କରୁଥିଲେ। ହେଲେ ଏବେ ଲୋକମାନେ ଗୋପାଳନ କରୁଛନ୍ତି, କିନ୍ତୁ ଗୁହାଳ ରଖି ନାହାନ୍ତି। ଯେଉଁ ସ୍ଥାନରେ ଗୁହାଳ ଥିଲା ଏବେ ସେଠାରେ ଘର ନିର୍ମାଣ କରୁଛନ୍ତି। ଆଉ ଗାଈକୁ ବାହାରକୁ ଛାଡ଼ି ଦେଉଛନ୍ତି। ସେପଟେ ସହରରେ ଆଜି ପର୍ଯ୍ୟନ୍ତ ଗୋଶାଳା ନିର୍ମାଣ ହୋଇପାରିଲା ନାହିଁ। ଯେଉଁ କାଞ୍ଜିଆହୁଦା ଅଛି ତାହା କାର୍ଯ୍ୟକ୍ଷମ ହେଉନାହିଁ। ପୌରପରିଷଦ ମଧ୍ୟ ଏଥିପ୍ରତି ନଜର ଦେଉନାହିଁ। ତେଣୁ ପ୍ରଶାସନ ପକ୍ଷରୁ ଉକ୍ତ କାଞ୍ଜିଆହୁଦାକୁ ସଚଳ କରି ବୁଲା ଗୋରୁଙ୍କୁ ଅଟକ ରଖାଗଲେ ମାଲିକମାନଙ୍କ ଚେତା ପଶନ୍ତା। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ନୂଆଗାଁ,୨୦।୮(ଧନେଶ୍ୱର ସାହୁ):** ନୟାଗଡ଼ ଜିଲା ହାଟଦ୍ୱାର ଡାହୁକା ନଦୀ ପୋଲଠାରୁ ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଗତିଶ୍ୱର କଲେଜ ପର୍ଯ୍ୟନ୍ତ ଲମ୍ବିଥିବା ମାଳବନ୍ଧ ରାସ୍ତାରେ ପ୍ରତିଦିନ ଶତାଧିକ ଲୋକ ଯାତାୟତ କରନ୍ତି। କିନ୍ତୁ ବର୍ଷାଦିନେ ସେହି ରାସ୍ତାର ଅବସ୍ଥା ଏମିତି ହୋଇ ଯାଏ ଯେ ଯାତାୟତ କରିବାକୁ ଲୋକେ ଭୟ କରିଥାଆନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଫଳରେ ୪ ମୌଜାର ଲୋକେ ନିଜ ବେଠି ଖଟି ରାସ୍ତା ମରାମତି କରିଛନ୍ତି ।

ନୟାଗଡ଼ ଜିଲା ହାଟଦ୍ୱାର ଦେଇ ଯାଇଥିବା ଡାହୁକା ନଦୀର ପୋଲଠାରୁ ହିରାଦେଇପୁର-ମାଳିସାହି ଗତିଶ୍ୱର କଲେଜ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାରେ ପ୍ରାୟ ୧୦ ଗ୍ରାମର ଲୋକେ ପ୍ରତିଦିନ ବିଭିନ୍ନ କାମରେ ନୟାଗଡ଼ ମୁଖ୍ୟାଳୟକୁ ଯାତାୟତ କରିଥାଆନ୍ତି । ତେବେ ଡାହୁକା ନଦୀ କୂଳ ଦେଇ ଯାଇଥିବା ଉକ୍ତ ରାସ୍ତା ଠିକ୍ ଭାବେ ନିର୍ମାଣ କରାଯାଇ ନ ଥିବା ଯୋଗୁ ବର୍ଷା ଦିନେ ଖାଲରେ ପାଣି ଜମି ରହେ । ଲୋକମାନେ ପଙ୍କ କାଦୁଅରେ ପଶି ଯିବା ଆସିବା କରିବାକୁ ବାଧ୍ୟ ହୋଇଥାଆନ୍ତି । ଖରାଦିନେ ମଧ୍ୟ ସେହି ଶୁଖିଲା ଖାଲରେ ପଶି ଯିବାକୁ ପଡେ । ଏ ନେଇ ଜନପ୍ରତିନିଧି ଓ ପ୍ରଶାସନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଉକ୍ତ ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କୁ ଜଣାଇଥିଲେ । ଲୋକମାନଙ୍କ ଯାତାୟତକୁ ସହଜ କରିବା ଲାଗି ଉକ୍ତ ରାସ୍ତାକୁ କୌଣସି ବିଭାଗରେ ଅନ୍ତର୍ଭୁକ୍ତ କରାଇ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ କନ୍ଧମାଳ ଏମ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରାଯାଇଥିବା ପୂର୍ବତନ ସରପଞ୍ଚ ଦେବରାଜ ବରାଡ , ମାଳିସାହି ସରପଞ୍ଚଙ୍କ ପ୍ରତିନିଧି ଭଗବାନ ପ୍ରଧାନ କହିଛନ୍ତି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏବେ ବର୍ଷା ଯୋଗୁଁ ଉକ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହେବାରୁ ହିରାଦେଇପୁର ଗ୍ରାମ ସଭାପତି ଦେବରାଜ ବରାଡ , ଦେଉଳି ସଭାପତି ସନ୍ୟାସୀ ସାହୁ , ମଧୁବନ ସଭାପତି ମାଧବ ବିଶ୍ୱାଳ , ତୋଟାସାହି ସଭାପତି ମାଟିଆ ପାଣିଙ୍କ ନେତୃତ୍ୱରେ ଲୋକମାନେ ବେଠି କରି ରାସ୍ତାରେ ଥିବା ଖାଲରେ ଡଷ୍ଟ ଗୁଣ୍ଡ ପକାଇ ମରାମତି କରିଛନ୍ତି । ପ୍ରଶାସନ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାଳବନ୍ଧ ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


ଲୋକମାନେ ରାସ୍ତା ମରାମତି କରୁଛନ୍ତି ।

- ବର୍ଷାଦିନେ ପଙ୍କକାଦୁଅରେ ଯାତାୟାତ କରୁଥିଲେ
- ପିଚୁ କିମ୍ବା କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦାବି

# ୯ ଅଭିଯୋଗର ସମାଧାନ ହେଲା

## ଖଣ୍ଡପଡ଼ା ବ୍ଲକରେ ଜନ ଶୁଣାଣି ଶିବିର


ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

**ଖଣ୍ଡପଡା,୨୦।୮(ଅଜୟ କୁମାର ମହାରଣା)** ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ସୁନିଲ ଅକ୍ଷୟ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଉପ ଜିଲାପାଳ କର୍ଣ୍ଣଦେବ ସମାଦାର, ବିଡିଓ ଅଙ୍କୁର ଅଭିଳାଷ, ଏସ୍‌ଡିପିଓ ବିମଳ କୁମାର ବାରିକ, ଥାନା ଅଧିକାରୀ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ । ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତର ସର୍ବମୋଟ ୫୯ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ୪୯ଟି ବ୍ୟକ୍ତିଗତ, ଗ୍ରାମ୍ୟ ବିବାଦ ସମ୍ପର୍କୀତ ୩ଟି ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ ସମ୍ପର୍କୀତ ୭ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା । ୯ଟି ଅଭିଯୋଗର ସମାଧାନ ହୋଇଛି । ଅନ୍ୟାନ୍ୟ ଅଭିଯୋଗଗୁଡିକ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲା ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଖଣ୍ଡପଡ଼ା ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ତେବେ ଏହି ଶିବିର ସମ୍ପର୍କରେ ବିଭିନ୍ନ ପଞ୍ଚାୟତର ଲୋକମାନେ ଜାଣି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

# ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ଖବରଦାତାଙ୍କୁ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୨୦।୮(ଅଜୟ କୁମାର ମହାରଣା)** ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଅବସରରେ ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଭୁବନେଶ୍ୱର ସୂଚନାଭବନ ପରିସରରେ ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଅଧୀନ ରତନପୁର ଗ୍ରାମର ସାମାଜିକ କର୍ମୀ ତଥା ଖବରଦାତା ବାଳକୃଷ୍ଣ ରାଉତଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶ ସୁରଜ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ କଳା, ସଂସ୍କୃତି ଓ ଐତିହ୍ୟ ଗବେଷକ ଅନୀଲ ଧୀର, ଐତିହ୍ୟ ଓ ସଂସ୍କୃତି ଗବେଷକ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ଶିଳ୍ପପତି ତଥା ଉତ୍କଳ ଚାମ୍ବର ଅଫ୍ କମର୍ସର ସଭାପତି ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ ।

# ୩ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପାଇଲେ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ


ସମ୍ମାନିତ ହୋଇଥିବା ୩ ଛାତ୍ରୀଛାତ୍ର ।

**ନୟାଗଡ଼/ଖଣ୍ଡପଡ଼ା,୨୦।୮(ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା):** ନୟାଗଡ଼ ଜିଲାର ୩ଜଣ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ସ୍ୱେଚ୍ଛାସେବୀ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ-୨୦୨୪ ମଙ୍ଗଳବାର ପାଇଛନ୍ତି। ରାଜୀବ ଗାନ୍ଧୀ ଛାତ୍ର ଫୋରମ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୮୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ହୋଇଥିଲା। ରାଜୀବ ଗାନ୍ଧୀ ଛାତ୍ର ଫୋରମ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ସ୍କାଉଟ ଭଳି ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଥିବା ରାଜ୍ୟର ବିଭିନ୍ନ ଜିଲାରୁ ୩୩ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ ସମ୍ମାନିତ କରାଯାଇଛି। ରାଜ୍ୟର ୩୩ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ନେହାରାଣୀ ସାହୁ ଓ ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଛାତ୍ର ବୃନ୍ଦାବନ ପ୍ରଧାନ ଏହି ସମ୍ମାନ ପାଇଛନ୍ତି । ଏହି ୩ ଛାତ୍ରୀଛାତ୍ର ନୟାଗଡ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ।

# ଶ୍ରୀରଘୁନାଥଙ୍କୁ ଦର୍ଶନ କଲେ ଏସ୍‌ବିଆଇ ମହାପ୍ରବନ୍ଧକ

**ଓଡଗାଁ,୨୦।୮ ( ଆଦର୍ଶ କୁମାର ପଟ୍ଟନାୟକ ):** ନୟାଗଡ଼ ଜିଲା ଓଡ଼ଗାଁଠାରେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ଏଟିଏମ୍ ସୁବିଧା ଉପଲବ୍ଧ ପାଇଁ ଶ୍ରୀଜୀଉଙ୍କ ଦର୍ଶନରେ ଆସିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ମହାପ୍ରବନ୍ଧକ ମୁରୁଗାନ ପୋନାମ୍ବଲମଙ୍କୁ ପୁଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଅନ୍ୟ ସଭ୍ୟମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୋମବାର ମହାପ୍ରବନ୍ଧକଙ୍କ ସହିତ ଉପମହାପ୍ରବନ୍ଧକ ପ୍ରଶାନ୍ତ କୁମାର, ଖୋର୍ଦ୍ଧା ଆଞ୍ଚଳିକ ସହାୟକ ମହାପ୍ରବନ୍ଧକ ନରେନ୍ଦ୍ର କୁମାର ଜେନା ପ୍ରମୁଖ ଓଡ଼ଗାଁ ଶାଖା ପରିଦର୍ଶନରେ ଆସିଥିବା ବେଳେ ଶ୍ରୀରଘୁନାଥଙ୍କ ଦର୍ଶନ କରିଥିଲେ । ଓଡ଼ଗାଁ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସହିତ ଅନ୍ୟ ସମସ୍ତ କର୍ମଚାରୀ ଦର୍ଶନରେ ସାମିଲ ହୋଇଥିଲେ । ଏହି ସମୟରେ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହିଥିଲେ ।

# ସାମାଜିକ ସୁରକ୍ଷା ପରିଷଦ ପକ୍ଷରୁ ଛତା ବଣ୍ଟନ


ଛତା ବଣ୍ଟନ ଅବସରରେ ଗ୍ରାମବାସୀଙ୍କ ସହ ବିଭାଗୀୟ ଅଧିକାରୀ ।

**ନୂଆଗାଁ,୨୦।୮(ଧନେଶ୍ୱର ସାହୁ):** ଅଖିଳ ଓଡ଼ିଶା ବ୍ଲକ ସାମାଜିକ ସୁରକ୍ଷା ପରିଷଦ ପକ୍ଷରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତରେ ସୋମବାର ଛତା ବଣ୍ଟନ କରାଯାଇଛି । ସରକାରୀ ଅନୁଦାନରେ ଲୋକଙ୍କୁ ସେବା ଯୋଗାଉ ଥିବା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ନିଜସ୍ୱ ଅର୍ଥରେ ଲୋକଙ୍କ ସେବା କରିବାର ପ୍ରୟାସ କରିଛନ୍ତି । ତେଣୁ ଅଖିଳ ଓଡିଶା ବ୍ଲକ ସାମାଜିକ ସୁରକ୍ଷା ପରିଷଦର ସଭ୍ୟମାନେ ଏକତ୍ରିତ ହୋଇ ଗରିବ ଆଦିବାସୀମାନଙ୍କୁ ସେବା ଯୋଗାଇବାକୁ ଚେଷ୍ଟା କରିଛନ୍ତି । ଏହି ଅବସରରେ ପରିଷଦର ସଦସ୍ୟ ନୟାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତଥା ନୟାଗଡ଼ ଜିଲା ସଂଯୋଜକ ପ୍ରିତମ ମହାରଣା, ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ଜାକେଡା ପଞ୍ଚାୟତର ବଣ ପାହାଡ଼ରେ ଥିବା ବଡଜିରି ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ପ୍ରାୟ ୫୦ଟି ଛତା ବଣ୍ଟନ କରିବା ସହ ଆଦିବାସୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ ।

# ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା, ୪ ଗିରଫ

**ବ୍ରହ୍ମପୁର,୨୦।୮(ସୁବାସ ଚନ୍ଦ୍ର ପାଢ଼ୀ)** ବ୍ରହ୍ମପୁର ସହରରେ ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ମହାରାଷ୍ଟ୍ର ବରଧା ଅଞ୍ଚଳର ମୂଳନିବାସୀ ତଥା ଗଞ୍ଜାମ ଜିଲା ବ୍ରହ୍ମପୁର ଜଳେଶ୍ୱରଖଣ୍ଡିରେ ରହୁଥିବା କିଷାନ ଗୋପୀ ଭୋଷଲେ (୩୦)। ପୋଲିସ ଏହି ଘଟଣାରେ ବିହାର ଗିଡ଼ହଡ଼ ଜାମୁଇ ଅଞ୍ଚଳର ମୂଳନିବାସୀ ତଥା ଜଳେଶ୍ୱରଖଣ୍ଡିରେ ରହୁଥିବା ଆକାଶ ସିଂ ଓରଫ ରଘୁବୀର ସିଂ ଓରଫ ହେଭଲେଟ (୨୫), ପିଙ୍କୁ ଚୌଧୁରୀ (୪୫), ଅନୁଜ ଚୌଧୁରୀ (୨୦) ଓ ଗଞ୍ଜାମ ଜିଲା ରମ୍ଭାର ମୂଳନିବାସୀ ତଥା ଜଳେଶ୍ୱରଖଣ୍ଡିରେ ରହୁଥିବା କେଦାର ନାୟକ ଓରଫ ଶିବା(୩୮)ଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଛୁରି, ୨ଟି ଡାମ୍ଫଣ ଓ ୨ଟି ବାଡ଼ି ଜବତ କରାଯାଇଛି। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଗୋଷାଣିନୂଆଗାଁ ଥାନା ଜଳେଶ୍ୱରଖଣ୍ଡିରେ କେତେଜଣ ଯାଯାବର ନିଜ ପରିବାର ସହ ଟେଣ୍ଟ ପକାଇ ରୁହନ୍ତି। ସେମାନେ ବିଭିନ୍ନ ପ୍ରକାର ବ୍ୟବସାୟ କରି ଜୀବିକା ନିର୍ବାହ କରନ୍ତି। ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଆକାଶ ଓ ତାଙ୍କ ସ୍ତ୍ରୀ ମଧରେ କୌଣସି କଥାକୁ ନେଇ ଝଗଡ଼ା ଲାଗିଥିଲା। ପାଟିତୁଣ୍ଡ ଶୁଣି ସେଠାରେ ରହୁଥିବା କିଷାନ ଗୋପୀଙ୍କ ସ୍ତ୍ରୀ ଗଙ୍ଗା କିଷାନ ଭୋଷଲେ କାହିଁକି ଝଗଡ଼ା କରୁଛ ବୋଲି ଆକାଶଙ୍କୁ ପଚାରିଥିଲେ। ହେଲେ ଆକାଶ ତାଙ୍କୁ ମାରପିଟ କରିଥିଲେ। ଗଙ୍ଗାଙ୍କ ଭାଇ ସଞ୍ଜୁ ସିନ୍ଦେ ବୁଝାଶୁଝା କରିଥିଲେ ମଧ ଆକାଶ କିଛି ନ ଶୁଣି ନ ଥିଲେ। ଗଙ୍ଗାଙ୍କ ସ୍ୱାମୀ କିଷାନ ଗୋପୀ ଟେଣ୍ଟରୁ ବାହାରି ପ୍ରତିବାଦ କରିବାରୁ ଆକାଶ ଉତ୍ତ୍ୟକ୍ତ ହୋଇ ୩ ସହଯୋଗୀଙ୍କ ସହାୟତାରେ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ କିଷାନ ଗୋଷୀଙ୍କୁ ଉଦ୍ଧାର କରାଯାଇ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଉଦ୍ଭିଦ ବିଜ୍ଞାନ ବିଭାଗର ଜାତୀୟ ପାଠଚକ୍ର

**ବ୍ରହ୍ମପୁର,୨୦।୮,(ସତ୍ତ୍ୱାଧୀନ ଶେଖର ପାଢ଼ୀ)** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରତିଷ୍ଠାତା ତଥା ପୂର୍ବତନ କୁଳପତି ପ୍ରଫେସର ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗ ସମ୍ମୁଖରେ ଥିବା ନବ ନିର୍ମିତ ହରିହର ପଟ୍ଟନାୟକ ଉଦ୍ଭିଦ ବିଜ୍ଞାନ ବାଟିକାକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରି ପାଠଚକ୍ରରେ ସଭାପତିତ୍ୱ କରିବା ସହ ବିଭାଗର ବିଭିନ୍ନ ବିକାଶ ଓ ଗବେଷଣା ପାଇଁ ଆତ୍ମ ସନ୍ତୋଷ ପ୍ରକାଶ କରିବା ସହିତ ଭବିଷ୍ୟତ ପାଇଁ ଏକ ରୂପରେଖ ପ୍ରସ୍ତୁତି କରିବାକୁ କହିଥିଲେ। ଆବାହକ ପ୍ରଫେସର ମୃତ୍ୟୁଞ୍ଜୟ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ହିମାଚଳ ପ୍ରଦେଶର ଇଟେରନାଲ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏ. ଏସ. ଆଲୁବାଲିଆ ଯୋଗ ଦେଇ ଉଦ୍ଭିଦ ବିଜ୍ଞାନ ବାଟିକାର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ତାମିଲନାଡୁର ବି. ଏସ. ଏ. ଆର କ୍ରେସେଣ୍ଟ ଇନଷ୍ଟିଚ୍ୟୁଟ ଅଫ ଏସ ଆଣ୍ଡ ଟିର କୁଳପତି ପ୍ରଫେସର ଏନ. ଥାଜୁଧିନ, କଲିକତାର ବି. ଏସ. ଆଇ ସଲଟେକର ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଦାଶ,କଲିକତାର ବିଶବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ରୁମା ପାଲ ଯୋଗ ଦେଇଥିଲେ। ବିଦ୍ୟାର୍ଥୀ ପରିଷଦ ସଭାପତି ଡ଼. ସଚ୍ଚିଦାନନ୍ଦ ପାଢ଼ୀ ପ୍ରାଣ ପ୍ରତିଷ୍ଠାତାଙ୍କ ଅବଦାନ ବର୍ଣ୍ଣନା କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ତ୍ରିପାଠୀ ସାଙ୍ଗଠନିକ ସମ୍ପାଦକ ପଦ୍ମ ଲୋଚନ ହେମରମ ମଞ୍ଚାସୀନ ଥିଲେ ବିଦ୍ୟାର୍ଥୀ ପରିଷଦର ସମ୍ପାଦକ ପ୍ରଫେସର ସତୀଶ ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

# ଓଡ଼ଗାଁ ବନାଞ୍ଚଳରେ ରାଖୀ ବନ୍ଧନ କାର୍ଯ୍ୟକ୍ରମ


ମହିଳାମାନେ ଗଛରେ ରାଖୀ ବାନ୍ଧି ପୂଜାର୍ଚ୍ଚନା କରୁଛନ୍ତି ।

**ଓଡଗାଁ,୨୦।୮(ଆଦର୍ଶ କୁମାର ପଟ୍ଟନାୟକ )** ଧରିତ୍ରୀ ମାତା ଓ ଜନଜୀବନର ଏକମାତ୍ର ସୁରକ୍ଷାଦାତା ବୃକ୍ଷରାଜିର ସୁରକ୍ଷା ନିମନ୍ତେ ସ୍ଥାନୀୟ ବନାଞ୍ଚଳରେ ରାଖୀ ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଚାରା ରୋପଣ ସପ୍ତାହରେ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଗୟଳସିଂହ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଭାଲୁମୁଣ୍ଡିଆ ତଳେ ପ୍ରାୟ ୩ ଏକର ରାଜସ୍ୱ ଜମିରେ ବନ ବିଭାଗ ତରଫରୁ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା । ଏଥିରେ ନିମ, କରଞ୍ଜ, ବର, ଓସ୍ତ, ଶିଶୁ, ଶାଗୁଆନ ଭଳି ମୂଲ୍ୟବାନ ଗଛ ରହିଛି । ଏସବୁର ସୁରକ୍ଷା ନିମନ୍ତେ ନିକଟସ୍ଥ ମଠ ଖଜୁରିଆ ଗ୍ରାମର ମହିଳାମାନେ ଆଗଭର ହୋଇ ମଙ୍ଗଳବାଟ ରାଖୀ ବନ୍ଧନ କାର୍ଯ୍ୟକ୍ରମରେ ସଂକଳ୍ପ ନେଇଥିଲେ। ଏହା ସହିତ ବୃକ୍ଷ ସମୂହକୁ ପୂଜାର୍ଚ୍ଚନା ପୂର୍ବକ ହୁଳହୁଳି ପକାଇ ସମସ୍ତ ଗଛରେ ରାଖୀ ବାନ୍ଧିଥିଲେ । ଏପରି କି ପ୍ରତିବର୍ଷ ରକ୍ଷାବନ୍ଧନ ପରମ୍ପରାକୁ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି କାଯ୍ୟକ୍ରମରେ ରେଞ୍ଜର ନିଖିଳେଶ ମଲିକ, ବନପାଳ ସରିତା ବରାଳ, ପ୍ରକୃତି ମିତ୍ର ପ୍ରଫୁଲ ମାଝୀ, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ଆଦର୍ଶ କୁମାର ପଟ୍ଟନାୟକ, ସାରସ କୁମାର ମିଶ୍ର ସାମିଲ ହେବା ସହିତ ଅନୁରୂପ ସଂକଳ୍ପ ନେଇଥିଲେ ।

# ମୂର୍ତ୍ତି କାରିଗରଙ୍କୁ ମିଳୁନି ଉଚିତ ପାରିଶ୍ରମିକ

**ଖଣ୍ଡପଡ଼ା,୨୦।୮ (ଅଜୟ କୁମାର ମହାରଣା)** ଆଗକୁ ଆସୁଛି ପାର୍ବଣର ଋତୁ । ଏଥିପାଇଁ ନୟାଗଡ଼ ଜିଲା ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିବ । ପାର୍ବଣ ଋତୁରେ ମୂର୍ତ୍ତି କାରିଗରମାନଙ୍କ ବଡ଼ ଭୂମିକା ରହିଛି । କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳର ମୂର୍ତ୍ତି କାରିଗରମାନଙ୍କ ଦ୍ୱାରା ଗଣେଶ, ଖୁଦରୁକୁଣୀ, ବିଶ୍ୱକର୍ମାଙ୍କ ସମେତ ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । କାରିଗର ପରିବାର ଦିନରାତି ଏକକରି ଏସବୁ ମୂର୍ତ୍ତି ନିର୍ମାଣରେ ଲାଗି ପଡିଛନ୍ତି । ଖଣ୍ଡପଡ଼ା ସହରର କୁମ୍ଭାର ସାହି, କଣ୍ଟିଲୋର ଖୁଦବେହେରା ପାଟଣା ଓ ଫକୀର ଅତବୁଦ୍ଧି ପାଟଣା ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି । ଗତ ୧ ମାସ ତଳୁ ମୂର୍ତ୍ତି ନିର୍ମାଣ ଲାଗି କାରିଗରମାନେ ନିକଟସ୍ଥ ମହାନଦୀ, କମେଇ ଓ କୁସୁମୀ ନଦୀ ପଠାରୁ ଚିକିଟା ମାଟି ସଂଗ୍ରହ କରି ମୂର୍ତ୍ତି ଗଢିବାରେ ଲାଗିଛନ୍ତି ।


ମୂର୍ତ୍ତି କାରିଗର ଖୁଦୁରୁକୁଣୀ ପ୍ରତିମାରେ ଶେଷ ସ୍ପର୍ଶ ଦେଉଛନ୍ତି ।

- ଆଗକୁ ଆସୁଛି ପାର୍ବଣର ଋତୁ
- ତିଆରି ହେଲାଣି ଖୁଦୁରୁକୁଣୀ,ଗଣେଶ ମୂର୍ତ୍ତି

ବହୁ ବର୍ଷ ଧରି ମୂର୍ତ୍ତି ଗଢି ବିକ୍ରୀ କରୁଥିବା ଏହି ପରିବାରର ସମସ୍ୟା କହିଲେ ନ ସରେ । ପରିବାର ପ୍ରତିପୋଷଣ ପାଇଁ ସମସ୍ତ ସଦସ୍ୟ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହୁଥିଲେ ହେଁ ପରିଶ୍ରମ ବଦଳରେ ଉଚିତ୍ ପାରିଶ୍ରମିକ ମିଳୁ ନ ଥିବା ଖଣ୍ଡପଡ଼ାର ମୂର୍ତ୍ତି କାରିଗର ବିନୋଦ କୁମାର ମହାପାତ୍ର, ଗୋବିନ୍ଦ ମହାପାତ୍ର, କାଳିନ୍ଦୀ ମହାପାତ୍ର, ଗୋବର୍ଦ୍ଧନ ମହାପାତ୍ର, ରମେଶ ମହାପାତ୍ର ଏବଂ କଣ୍ଟିଲୋର ବାଲୁକାକଳା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ, କିଶୋର କୁମାର ନାୟକ ପ୍ରମୁଖ କହିଛନ୍ତି । ପ୍ରଶାସନସ୍ତରରୁ ପ୍ରୋତ୍ସାହନର ଅଭାବ ଯୋଗୁ ଅନେକ କାରିଗର ଏହି କୌଳିକ ବୃତ୍ତିରୁ ଦୁରେଇ ଯାଇଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର କାରିଗରମାନଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତିଗୁଡିକର ଆଦର ଓ ଚାହିଦା ବିଭିନ୍ନ ସ୍ଥାନରେ ରହିଛି । ଏହି ଅଞ୍ଚଳର କାରିଗରମାନେ ରାଜ୍ୟର କୋଣ, ଅନୁକୋଣ ସମେତ ରାଜ୍ୟ ବାହାରେ ଯାଇ ମାଟି ଓ କାଠରେ ମୂର୍ତ୍ତି ନିର୍ମାଣ କରିଥାଆନ୍ତି । କୁଶଳୀ କାରିଗରମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିଥିଲେ ହେଁ ଏହି ସବୁ ଯୋଜନାରୁ ଉପରୋକ୍ତ ଅଞ୍ଚଳର ମୂର୍ତ୍ତି କାରିଗର ପରିବାର ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଏହି ମୂର୍ତ୍ତି କାରିଗରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

